୬ ଭାରତ-ଇଂଲଣ୍ଡ ଟେଷ୍ଟ : ପ୍ରଥମ ଇନିଂସରେ ବୁମ୍ରାଙ୍କୁ ୫ ଉଇକେଟ, ମାତ୍ର ୬ ରନ ପଛରେ ପଡ଼ିଲା ଇଂଲଣ୍ଡ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୪୫ ● ୨୩ ଜୁନ୍ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-145 ●23rd June 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ପୁରୀରେ ରଥଯାତ୍ରା-୨୦୨୫ ସ୍ୱତନ୍ତ୍ର ସମୀକ୍ଷା ବୈଠକ

# ରଥଯାତ୍ରାକୁ ଅଘଟଣ-ଶୂନ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ




**ପୁରୀ, ୨୨/୦୬**
**ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଟାଉନ ହଲ ଠାରେ ରବିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା – ୨୦୨୫ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରା ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ରଥଯାତ୍ରାକୁ ଅଘଟଣ-ଶୂନ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଭକ୍ତମାନେ ଯେପରି ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ, ସୁବିଧାରେ ରଥଯାତ୍ରାରେ ଯୋଗଦେବେ ଏବଂ ଏକ ଦିବ୍ୟ, ଆଧ୍ୟାତ୍ମିକ ଅନୁଭବ ନେଇ ଫେରିବେ, ସେଥିପାଇଁ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ପୋଲିସ ନିୟୋଜନ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟଗୁଡିକୁ ସଠିକ ଭାବେ ପରିଚାଳନା କରି ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗନେଇ ପାରିବେ ସେଥିପ୍ରତି ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଜିଲ୍ଲାରେ ଡାଇରିଆ ପରିସ୍ଥିତି ଥିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସୁନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ । କୌଣସି ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନହୁଏ ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଏହା ସହିତ ସବୁ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟ ଉପଲବ୍ଧ ହେବା ଆବଶ୍ୟକ ବୋଲି ଶ୍ରୀ ମାଝୀ କହିଥିଲେ । ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁରୁଖୁରୁରେ ଏବଂ ଠିକ୍ ସମୟରେ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ସହଯୋଗ କାମନା କରିଥିଲେ । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆମ ସାଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ । କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡିତ ଅଛି । ତେଣୁ ଏହାର ସୁପରିଚାଳନା କେବଳ ଏକ ସରକାରୀ ଦାୟିତ୍ୱ ନୁହେଁ ବରଂ ଏକ ପବିତ୍ର କର୍ତ୍ତବ୍ୟ । ତେଣୁ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ସମସ୍ତେ ସମନ୍ୱୟ ରଖି ଏହାର ସଫଳ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଥଯାତ୍ରା ସୁରୁଖୁରୁରେ ସମ୍ପାଦିତ ହେବାପାଇଁ ନିଆଯାଇଥିବା ପଦକ୍ଷେପ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ଏବଂ ପୋଲିସ୍ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅତିଥିମାନେ ପୁରୀ ଜିଲ୍ଲା ପ୍ରଶାସନର ସୂଚନା ପୁସ୍ତିକା ରୂପରେଖ ଉନ୍ମୋଚନ କରିଥିଲେ ।

ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡ଼ିଆ ଭାଷା, *(ପୃଷ୍ଠା ୭ରେ)*

## ଇରାନ ରାଷ୍ଟ୍ରପତିଙ୍କ ସହ ମୋଦୀଙ୍କ ଆଲୋଚନା

# ଆମେରିକାର ଆକ୍ରମଣ ପରେ ଶାନ୍ତି ଓ ସଂଯମ ପାଇଁ ଦେଲେ ଆହ୍ୱାନ



**ନୂଆଦିଲ୍ଲୀ, ୨୨/୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ଇରାନ ରାଷ୍ଟ୍ରପତି ମସୌଦ ପେଜେଶକିଆନଙ୍କ ସହ ଟେଲିଫୋନରେ ଆଲୋଚନା କରିଛନ୍ତି । ଏହି ଆଲୋଚନା ଆମେରିକା ଦ୍ୱାରା ଇରାନର ତିନୋଟି ପରମାଣୁ ସ୍ଥାନ ଫୋର୍ଡୋ, ନାଟାଞ୍ଜ ଓ ଇସଫାହାନ ଉପରେ ଆକ୍ରମଣ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ପ୍ରତି ଗଭୀର ଚିନ୍ତା ପ୍ରକାଶ କରିବା ସହ ତୁରନ୍ତ ସଂଯମ ଓ ଶାନ୍ତି ପୁନଃସ୍ଥାପନ ପାଇଁ ଆହ୍ୱାନ ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି ଯେ, "ମୁଁ ଇରାନ ରାଷ୍ଟ୍ରପତିଙ୍କ ସହ ଆଲୋଚନା କଲି । ଆମେ ବର୍ତ୍ତମାନର ପରିସ୍ଥିତି ଉପରେ ବିସ୍ତୃତ ଭାବେ ଚର୍ଚ୍ଚା କରିଛୁ । ସାମ୍ପ୍ରତିକ ଉତ୍ତେଜନା ପ୍ରତି ଗଭୀର ଚିନ୍ତା ପ୍ରକାଶ କରୁଛି । ତୁରନ୍ତ ସଂଯମ, ସଂଳାପ ଓ କୂଟନୀତି ମାଧ୍ୟମରେ ଆଗକୁ ବଢ଼ିବା ଏବଂ ଆଞ୍ଚଳିକ ଶାନ୍ତି, ସୁରକ୍ଷା ଓ ସ୍ଥିରତା ପୁନଃସ୍ଥାପନ ପାଇଁ ଆମେ ଆମର ଆହ୍ୱାନକୁ ପୁନରାବୃତ୍ତି କରୁଛୁ ।"

ଏହି ୪୫ ମିନିଟ୍‌ର ଆଲୋଚନାରେ ରାଷ୍ଟ୍ରପତି ପେଜେଶକିଆନ ଭାରତକୁ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରୋତ୍ସାହନରେ ଏକ ବନ୍ଧୁ ଓ ଅଂଶୀଦାର ଭାବେ ବର୍ଣ୍ଣନା କରିଥିଲେ । ସେ ସଂଯମ, ସଂଳାପ ଓ କୂଟନୀତି ପାଇଁ ଭାରତର ଆହ୍ୱାନକୁ ମଧ୍ୟ ସ୍ୱାଗତ କରିଥିଲେ । ଇରାନ ରାଷ୍ଟ୍ରପତି ପରିସ୍ଥିତି ସମ୍ପର୍କରେ ଶ୍ରୀ ମୋଦୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ ।

ଆମେରିକାର ଏହି ଆକ୍ରମଣକୁ ଇରାନ କଡା ନିନ୍ଦା କରିଛି ଏବଂ ଏହାକୁ ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ବୋଲି କହିଛି । ଇରାନର ପରମାଣୁ ଶକ୍ତି ସଂଗଠନ ମୁଖ୍ୟ ମହମ୍ମଦ ଇସଲାମୀ କହିଛନ୍ତି ଯେ, ଏହି ଆକ୍ରମଣ ସତ୍ତ୍ୱେ ଇରାନର ପରମାଣୁ କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ଭାବେ ଜାରି ରହିବ । ଅନ୍ୟପକ୍ଷରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣକୁ "ସଫଳ" ବୋଲି ଦାବି କରିଛନ୍ତି ଏବଂ ଇରାନକୁ ଆହୁରି ଆକ୍ରମଣର ଚେତାବନୀ ଦେଇଛନ୍ତି । ଭାରତ ପୂର୍ବରୁ ମଧ୍ୟ ଇରାନ ଓ ଇସ୍ରାଏଲ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ପ୍ରତି ଚିନ୍ତା ପ୍ରକାଶ କରିଥିଲା । ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଥିଲା ଯେ ଭାରତ ଉଭୟ ଦେଶ ସହ ମିତ୍ରତାପୂର୍ଣ୍ଣ ସମ୍ପର୍କ ରଖିଛି ଏବଂ ସଂଯମ ଓ ସଂଳାପ ଜରିଆରେ ସମସ୍ୟାର ସମାଧାନ ପାଇଁ ସମର୍ଥନ ଦେବାକୁ ପ୍ରସ୍ତୁତ ଅଛି ।

ଏହି ଘଟଣାକ୍ରମ ମଧ୍ୟପ୍ରାଚ୍ୟରେ ଏକ ବୃହତ୍ତର ସଂଘର୍ଷର ଆଶଙ୍କା *(ପୃଷ୍ଠା ୭ରେ)*

## ପହଲଗାମ୍ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇ ୨ ଗିରଫ

**ଜମ୍ମୁ, ୨୨/୦୬**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)କୁ ରବିବାର ବଡ଼ ସଫଳତା ମିଳିଛି । ପହଲଗାମ୍ ଆକ୍ରମଣ ଘଟାଇଥିବା ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ସଂସ୍ଥା । ଜମ୍ମୁ-କଶ୍ମୀର ଅନନ୍ତନାଗର ପହଲଗାମରେ ଆତଙ୍କବାଦୀମାନେ ଏପ୍ରିଲ ୨୨ରେ ଏକ ଭୟଙ୍କର ଆକ୍ରମଣ କରିଥିଲେ, ଯେଉଁଥିରେ ୨୬ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୬ ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ଏନଆଇଏ ସୂଚନା ଅନୁସାରେ, ପହଲଗାମ ବଟକୋଟର ପରଭେଜ ଅହମ୍ମଦ ଜୋଥର ଏବଂ ପହଲଗାମ ହିଲ ପାର୍କର ବଶୀର ଅହମ୍ମଦ ଜୋଥର ଆକ୍ରମଣରେ ସାମିଲ ଥିବା ତିନି ଜଣ ସଶସ୍ତ୍ର ଆତଙ୍କବାଦୀଙ୍କ ପରିଚୟ ପ୍ରକାଶ କରିଛନ୍ତି । ଏଥିସହ ସେମାନେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା (ଏଲଇଟି) ସହ ଜଡ଼ିତ ପାକିସ୍ତାନୀ ନାଗରିକ ବୋଲି ମଧ୍ୟ ନିଶ୍ଚିତ କରିଛନ୍ତି । ଏନଆଇଏର ତଦନ୍ତ ଅନୁଯାୟୀ, ପରଭେଜ ଓ ବଶୀର ଆକ୍ରମଣ ପୂର୍ବରୁ ହିଲ୍ ପାର୍କର ଏକ କୁଟୀରରେ ତିନି ଜଣ ସଶସ୍ତ୍ର ଆତଙ୍କବାଦୀଙ୍କୁ ଜାଣିଶୁଣି ଆଶ୍ରୟ ଦେଇଥିଲେ । ଦୁହେଁ ଆତଙ୍କବାଦୀମାନଙ୍କୁ ଭୋଜନ, ଆଶ୍ରୟ ଏବଂ ଲଜିଷ୍ଟିକ୍ ସହାୟତା ଯୋଗାଇଥିଲେ, ଯେଉଁମାନେ ସେହି ଦୁର୍ଭାଗ୍ୟଜନକ ଦ୍ୱିପ୍ରହରରେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧାର୍ମିକ ପରିଚୟ ଆଧାରରେ ବାଛି ବାଛି ହତ୍ୟା କରିଥିଲେ । ଏହା ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ଥିଲା ।

# ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସଫଳ ଅସ୍ତ୍ରୋପଚାର ସମ୍ପନ୍ନ



**ଭୁବନେଶ୍ୱର, ୨୨/୦୬ ନ୍ୟୁଜ ବ୍ୟୁରୋ**

ମୁମ୍ବାଇରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସଫଳ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି । କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ସର୍ଭାଇକାଲ୍ ଆର୍ଥରାଇଟିସ୍ ଅପରେସନ୍ ହୋଇଥିଲା ବୋଲି ସୂଚନା ଦେଇଛନ୍ତି ଘରୋଇ ଡାକ୍ତର ରମାକାନ୍ତ ପଣ୍ଡା । ଡା. ଶ୍ରୀ ପଣ୍ଡା ଆହୁରି କହିଥିଲେ ଯେ, ଆସନ୍ତା ଦୁଇ ଦିନ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅବଜରଭେସନରେ ରହିବେ । ସେ ୨୧ ତାରିଖରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଡାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକଙ୍କ ସଫଳତା ସହ ଅପରେସନ ହୋଇଛି । ସବୁ ଭଲ ଅଛି । ଅବଜରଭେସନରେ ଦୁଇ ଦିନ ରହିବେ । ତା'ପରେ ରୁମ୍‌ରେ ୩ ଦିନ ରହି ହସ୍ପିଟାଲରୁ ଡିସ୍‌ଚାର୍ଜ ହେବେ । କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ସ୍ପାଇନ ବିଶେଷଜ୍ଞ ଡାକ୍ତର ରାଜଶେଖର ତାଙ୍କ ଅପରେସନ କରିଛନ୍ତି । ଏସିଆନ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ବିଶେଷଜ୍ଞମାନେ ବି ଅପରେସନ ଥିଏଟରରେ ଥିଲେ । ନବୀନ ପଟ୍ଟନାୟକ ଭଲ ଭାବେ କଥା ହୋଇ ପାରୁଛନ୍ତି । ସେ ପଚାରିଲେ ସବୁ ଠିକ ଥିଲା ତ । ଆମେ କହିଲୁ ସବୁ ଠିକ ଅପରେସନ ହୋଇଛି । ବୟସ ବଢିଲେ ସର୍ଭାଇକାଲ୍ ଆର୍ଥରାଇଟିସ୍ ହୁଏ । ତାଙ୍କୁ କଷ୍ଟ ହେଉଥିଲା । ତାକୁ ସ୍କ୍ରୁ ଦେଇ ଫିକ୍ସ କରାଗଲା । ଆଉ କଷ୍ଟ ହେବନି । ଆଗ ଆନାସନ୍ଥେସିଆ ଦେଇ ସଫା କରାଯାଏ । ଦୁଇ ଘଣ୍ଟା ଅପରେସନ ହେଲା । ଛୋଟ ଷ୍ଟିଚ୍ ପଡିଲା । ୫ରୁ ୭ଦିନ ପରେ ଷ୍ଟିଚ୍ ଖୋଲିବ ବୋଲି କହିଛନ୍ତି । ଦୀର୍ଘ ଦିନ ହେବ ସର୍ଭିକାଲ *(ପୃଷ୍ଠା ୭ରେ)*

# ଆତ୍ମସମର୍ପଣ ନୀତିର ଫାଇଦା ଉଠାଇ ଅସ୍ତ୍ର ସମର୍ପଣ କରନ୍ତୁ ମାଓବାଦୀ: ଶାହ




**ରାୟପୁର, ୨୨/୦୬**

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ରବିବାର ରାୟପୁରରେ ଛତିଶଗଡ଼, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡର ଡିଜିପି, ଏଡିଜିପି ଏବଂ ବରିଷ୍ଠ ଅଧିକାରୀଙ୍କ ସହ ନକ୍ସଲବାଦ ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ, ଗତ ଦେଢ଼ ବର୍ଷ ମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାୟଙ୍କ ସରକାର ଏବଂ ଉପମୁଖ୍ୟମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ବିଜୟ ଶର୍ମାଙ୍କର ସବୁଠାରୁ ବଡ଼ ସଫଳତା ହେଉଛି ସେମାନେ ପୂର୍ବରୁ ଅଟକି ରହିଥିବା ନକ୍ସଲ ବିରୋଧୀ ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି ଓ ରାଜ୍ୟକୁ ନକ୍ସଲବାଦରୁ ମୁକ୍ତ କରିବା ଦିଗରେ ଅଗ୍ରସର ହୋଇଛନ୍ତି । ଶ୍ରୀ ସାୟ ଏବଂ ଶ୍ରୀ ଶର୍ମା କେବଳ ନକ୍ସଲ ବିରୋଧୀ ଅଭିଯାନକୁ ନୂତନ ଗତି ପ୍ରଦାନ କରିନଥିଲେ ବରଂ ବାରମ୍ବାର ଅଭିଯାନକୁ ମାର୍ଗଦର୍ଶନ କରିଥିଲେ, ସୁରକ୍ଷା ବାହିନୀର ମନୋବଳ ବୃଦ୍ଧି କରିଥିଲେ ଏବଂ ସମ୍ପୂର୍ଣ୍ଣ ସମର୍ପଣ ସହିତ ଏହି *(ପୃଷ୍ଠା ୭ରେ)*

# ଇରାନରେ କ୍ଷମତା ପରିବର୍ତ୍ତନ ଆମର ଲକ୍ଷ୍ୟ ନୁହେଁ : ଆମେରିକା




**ୱାଶିଂଟନ, ୨୨/୦୬**

ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିବା ପରେ ଆମେରିକା ସ୍ପଷ୍ଟ କରିଦେଇଛି ଯେ ଏହି ଆକ୍ରମଣର ଉଦ୍ଦେଶ୍ୟ ଇରାନର ବର୍ତ୍ତମାନର ସରକାରକୁ ଭାଙ୍ଗିବା ନୁହେଁ ବରଂ ତାହାର ପରମାଣୁ କାର୍ଯ୍ୟକ୍ରମକୁ ରୋକିବା ।

ଆମେରିକାର ପ୍ରତିରକ୍ଷା ମୁଖ୍ୟ ଏକ ବିବୃତ୍ତିରେ କହିଛନ୍ତି ଯେ ଆମେରିକାର ଆକ୍ରମଣର ଉଦ୍ଦେଶ୍ୟ କେବଳ ଇରାନକୁ ପରମାଣୁ ଅସ୍ତ୍ର ତିଆରି କରିବାରୁ ରୋକିବା । ଆମେରିକାର ଯୁଗ୍ମ ସେନା ମୁଖ୍ୟ ଅଧ୍ୟକ୍ଷ ଡାନ୍ କେନ୍ କହିଛନ୍ତି ଯେ ଏହା ଏକ ଅତ୍ୟନ୍ତ ଗୋପନୀୟ ମିଶନ ଥିଲା, ଯେଉଁଥିରେ ୱାଶିଂଟନରେ ବହୁତ କମ୍ ଲୋକ ଯୋଜନାର ସମୟ କିମ୍ବା ପ୍ରକୃତି ବିଷୟରେ ଜାଣିଥିଲେ । କେନ୍ ତା'ପରେ କୋଠରୀରେ ଏକ ସ୍କ୍ରିନରେ ସାମ୍ବାଦିକମାନଙ୍କୁ ଅପରେସନ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ରବିବାର ମଧ୍ୟ କହିଥିଲେ ଯେ ଆମେରିକା ଇରାନ ସହିତ ଯୁଦ୍ଧରେ ନାହିଁ ବରଂ ତିନୋଟି ପରମାଣୁ ସ୍ଥାନରେ ଆମେରିକାର ବିମାନ ଆକ୍ରମଣ ପରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଦ୍ୱାରା ସୃଷ୍ଟି ହୋଇଥିବା ବିପଦକୁ ଟାର୍ଗେଟ କରୁଛି । ଏନବିସି ସହିତ ଏକ ସାକ୍ଷାତକାରରେ ଭାନ୍ସ କହିଛନ୍ତି ଯେ ଆମେରିକା ଇରାନ ସହିତ ଯୁଦ୍ଧରେ ନାହିଁ ... ଆମେ ଏହାର ପରମାଣୁ ମହତ୍ତ୍ୱାକାଂକ୍ଷା ସହିତ ଯୁଦ୍ଧରେ ଅଛୁ । ସେ ଆହୁରି କହିଛନ୍ତି ଯେ, ଆମେ ବିଶ୍ୱାସ କରୁ ଯେ ଆମେ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନଷ୍ଟ କରିଦେଇଛୁ ... ଆମେରିକା ବହୁତ ଦିନ ଧରି ଇରାନର ପରମାଣୁ କାର୍ଯ୍ୟକ୍ରମକୁ ପଛକୁ ଠେଲି ଦେଇଛି ।

ଇରାନ-ଇସ୍ରାଏଲ ଯୁଦ୍ଧ ହଠାତ୍ ଏକ ନୂତନ ମୋଡ଼ ନେଇଛି । ଇସ୍ରାଏଲ ସହିତ ଆମେରିକା ମଧ୍ୟ ଇରାନ ଉପରେ ଆକ୍ରମଣ କରିଛି । ଇରାନ ଉପରେ ଆମେରିକାର ଆକ୍ରମଣରେ ଚୀନ୍ ବହୁତ କ୍ରୋଧିତ ହୋଇଛି । ଇରାନ ଉପରେ ଆମେରିକାର ବିମାନ ଆକ୍ରମଣକୁ *(ପୃଷ୍ଠା ୭ରେ)*

# ଖରିଫରେ ୧୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଟାର୍ଗେଟ : ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର, ୨୨ /୦୬**
**ନ୍ୟୁଜ ବ୍ୟୁରୋ**

ଖରିଫରେ ୧୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ରବିରେ ଆମ ୭୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିଲୁ । ଆମର ଉଦ୍ଦେଶ୍ୟ ହେଉଛି ଚାଷୀଙ୍କର ଟୋକନ ଲାପସ ନ ହେଉ । ଚାଷୀ ହଇରାଣ ନ ହୁଅନ୍ତୁ । ବର୍ଷା ହେବ, ଆମେ କ'ଣ କରିପାରିବୁ, ଏହା ପ୍ରକୃତିର ନିୟମ । ବର୍ଷା ହେଲେ ଧାନ ଉଠି ପାରିବ ନାହିଁ । ଧାନ ଓଦା ହୋଇଯିବ କେମିତି ଉଠାଇବୁ । ଧାନ ଓଦା ହୋଇଗଲେ ଆଦ୍ରତା ବଢ଼ିଯିବ । ଆଉ କିଛି ହୋଇପାରିବ ନାହିଁ । ଜୁନ୍ ୩୦ ସୁଦ୍ଧା ସବୁ ଧାନ ଉଠାଇଦେବୁ । ଧାନ କିଣା ଏବେ ଜୋରସୋର ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, କାମାକ୍ଷାନଗରରେ ତିଆରି ହେବ ନୂଆ ଆଲୁମୁନିୟମ୍ ପ୍ଲାଣ୍ଟ୍ । ଏହାକୁ ନିର୍ମାଣ କରିବା ପାଇଁ ନିବେଶ ହେବ ୧ ଲକ୍ଷ ୨୮ ହଜାର କୋଟି ଟଙ୍କା । ପ୍ରାୟ ୪୦ ହଜାର ଯୁବକ ଯୁବତୀଙ୍କୁ ମିଳିବ ରୋଜଗାର । ଗତ ୧୬ ତାରିଖରେ ଏଥିପାଇଁ ଅନୁମୋଦନ ଦେଇଛନ୍ତି ରାଜ୍ୟ ସରକାର । ଖୁବ୍ ଶୀଘ୍ର ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିବେ । ସେହିପରି ସୋଲାର ପ୍ରୋଜେକ୍ଟ କମ୍ପାନି ଢେଙ୍କାନାଳ ଛାଡିବା କଥାକୁ ଖଣ୍ଡନ କରିଛନ୍ତି ମନ୍ତ୍ରୀ । କହିଛନ୍ତି, ଓଡ଼ିଶା ଛାଡିବା ନେଇ କମ୍ପାନି କେବେ କହି ନ ଥିଲା । କାମ ଆରମ୍ଭ ହୋଇ ସାରିଥିବା ବେଳେ କିଛି ଲୋକ ଏହାକୁ ଭୁଲ ପ୍ରଚାର କରୁଛନ୍ତି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ ।

## ପୁଲିସ ଇନଫର୍ମର ସନ୍ଦେହରେ ୨ ଜଣଙ୍କୁ ହତ୍ୟାକଲା ମାଓବାଦୀ

**ମାଲକାନଗିରି, ୨୨/୦୬**
**ନ୍ୟୁଜ ବ୍ୟୁରୋ**

ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ଟାର୍ଗେଟ୍ କରୁଛି ଲାଲ୍ ବାହିନୀ । ପୁଲିସ୍ ଇନଫର୍ମର କହି ଜଣକ ପରେ ଜଣଙ୍କୁ ହତ୍ୟା କରୁଛି । ମାଲକାନଗିରି ଛତିଶଗଡ ସୀମାନ୍ତ ବିଜାପୁର ଜିଲ୍ଲାରେ ପୁଣି ଏଭଳି ମାଓ ହିଂସା ଦେଖିବାକୁ ମିଳିଛି । ଦୁଇ ଜଣ ଗ୍ରାମବାସୀଙ୍କୁ ପୁଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିଛି ମାଓ ସଂଗଠନ । ମୃତକଙ୍କ ମଧ୍ୟରେ ଜଣେ ଆତ୍ମସମର୍ପଣ କରିଥିବା ନକ୍ସଲ ରହିଛନ୍ତି । ସୂଚନା ମୁତାବକ, ପାମେଡ ଥାନା ଅନ୍ତର୍ଗତ ଯମପୁରମ ଗାଁରେ ମାଓବାଦୀମାନେ ଏହି ହତ୍ୟାକାଣ୍ଡ କରିଛନ୍ତି । ପୁଲିସ ଇନଫର୍ମର ସନ୍ଦେହରେ ଦୁଇ ଜଣଙ୍କୁ ନକ୍ସଲମାନେ ହତ୍ୟା କରିଥିବା ନେଇ ଏକ ହାତଲେଖା ପୋଷ୍ଟରରେ ଉଲ୍ଲେଖ ରହିଛି । ଶନିବାର ରାତିରେ ୧୫ରୁ ୨୦ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ରଥଯାତ୍ରାର ଗୋଟେ ପରମ୍ପରା ଅଛି,
ଅଛି ରୀତିନୀତି ତିଥି
ଇସ୍କନ ପୂରା ଅମାନିଆ ହୋଇ
କରେ ବିପରୀତ ଗତି
ଅଦିନିଆ ରଥଯାତ୍ରାରେ ମାତି
ଗାଲୁ ମାରୁଥାନ୍ତି ସେଇ ଠାକୁରଙ୍କୁ
ଯା'ପାଇଁ ଯାଙ୍କର ସ୍ଥିତି !!

# ଭାରତୀୟଙ୍କ ନିକଟରେ ଅଛି ପାକିସ୍ତାନ ଅର୍ଥନୀତିର ୬ ଗୁଣା ସୁନା



**ନୂଆଦିଲ୍ଲୀ, ୨୨/୦୬**

ସୁନା ପ୍ରତି ଭାରତୀୟଙ୍କ ମୋହ କେବଳ ପାରମ୍ପରିକ ନୁହେଁ, ନିବେଶର ଏହା ପାଲଟିଛି ଏକ ନିରାପଦ ମାଧ୍ୟମ । ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ସୁନାରେ ନିବେଶ କରିବାକୁ ସୁରକ୍ଷିତ ମଣୁଛନ୍ତି ଭାରତୀୟ । ଧାତୁର ଦର ଯେଉଁଭଳି ଭାବେ ବଢ଼ିଚାଲିଛି, ପରିବାରଗୁଡ଼ିକର ସମ୍ପତ୍ତି ଉକ୍ତ ବେଗରେ ବଢୁଛି । ରିପୋର୍ଟ ଅନୁସାରେ, ଭାରତୀୟ ଘରଗୁଡ଼ିକରେ ସୁନାର ବିଶାଳ ଭଣ୍ଡାର ରହିଛି, ଯାହାକି ସମ୍ପୂର୍ଣ୍ଣ ପାକିସ୍ତାନ ଅର୍ଥବ୍ୟବସ୍ଥାଠାରୁ ବହୁ ଗୁଣା ବଡ଼ । ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ୍ (ଡବ୍ଲ୍ୟୁଜିସି) ଅନୁସାରେ, ଭାରତୀୟ ଘର ଏବଂ ମନ୍ଦିରଗୁଡ଼ିକରେ ମୋଟ ୨୫,୦୦୦ ଟନ୍ ସୁନା ରହିଛି, ଯାହାର ମୂଲ୍ୟ ହେଉଛି ୨.୪ ଟ୍ରିଲିୟନ ଡଲାର । ଏହା ସମ୍ପୂର୍ଣ୍ଣ ପାକିସ୍ତାନ ଅର୍ଥନୀତିଠାରୁ ୬ ଗୁଣା ଅଧିକ । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ଆକଳନ ଅନୁସାରେ, ସମ୍ପ୍ରତି ପାକ୍ ଅର୍ଥବ୍ୟବସ୍ଥାର ଆକାର ରହିଛି ୪୧୧ ବିଲିୟନ ଡଲାର । ଅର୍ଥାତ୍ ଭାରତୀୟଙ୍କ ପାଖରେ ଯେତିକି ସୁନା ଅଛି, ସେଥିରେ *(ପୃଷ୍ଠା ୭ରେ)*

# ଆସୁଛି ଆଉ ଏକ ଘୂର୍ଣ୍ଣିଝଡ; ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷିବ



**ଭୁବନେଶ୍ୱର, ୨୨/୦୬**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୫ ତାରିଖ ଆଡକୁ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଘୂର୍ଣ୍ଣିଝଡ । ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଆଖପାଖ ଅଞ୍ଚଳ ବାୟୁମଣ୍ଡଳର ଉପରି ସ୍ତରରେ ବାୟୁମଣ୍ଡଳ ସ୍ତରୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଅଛି । ଏନେଇ ବୁଧବାର ଠାରୁ ରାଜ୍ୟରେ ବର୍ଷାର ପରିମାଣ ବଢିବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ସହ ବିଜୁଳି ଓ ଘଡଘଡି ହେବାର ସମ୍ଭାବନା ରହିଛି । ଏନେଇ ପୁରା ରାଜ୍ୟକୁ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ପବନ ମଧ୍ୟ ୩୦ରୁ ୪୦କିମି ଘଣ୍ଟା ପ୍ରତି ବହିବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ରୁ ୨୫ତରିଖ ଦୁଇ ଦିନ ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଆଗାମୀ ୨୪ ଘଣ୍ଟା ପାଇଁ ତିନୋଟି ଜିଲ୍ଲାକୁ ବାଦ ଦେଲେ ବାକି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅର୍ଥାତ୍ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼କୁ ବାଦ ଦେଲେ ବାକି ସମସ୍ତ ଜିଲ୍ଲାରେ *(ପୃଷ୍ଠା ୭ରେ)*





## ଜରାଜୀର୍ଣ୍ଣ ଅବସ୍ଥାରେ ପିତଳ ହସ୍ପିଟାଲ ଛାତରୁ ଖସୁଛି ସିମେଣ୍ଟ ପଲସ୍ତରା

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଶେରଗଡ଼ ବ୍ଲକର ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚସି) ବାହାରୁ ଦେଖିବାକୁ ଚକାଚକ୍, କିନ୍ତୁ ଭିତରେ ଫମ୍ପା। ହସ୍‌ପିଟାଲ ଛାତରୁ ସିମେଣ୍ଟ ପଲସ୍ତରା ଖସୁଛି। ବର୍ଷାପାଣି ଛାତରୁ ଗଳି କୋଠରିରେ ଜମୁଛି। ରୋଗୀଙ୍କ ୱାର୍ଡରେ, ଚଟାଣ ଓ ବେଡରେ ବର୍ଷାପାଣି ପଡି ଓଦାହୋଇ ରହୁଛି। ପ୍ରସୂତି ଓ ସର୍ଜିକାଲ ରୁମ୍ କଥା ନକହିବା ଭଲ। ପାଇଖାନା ଓ ରୁମ୍‌ଗୁଡ଼ିକରୁ ମଇଳା, ଦୂଷିତ ପାଣି ନିଷ୍କାସିତ ହୋଇନପାରି ହସ୍‌ପିଟାଲ ପରିବେଶ ପୂତିଗନ୍ଧମୟ ହୋଇପଡ଼ିଛି। ତୁରନ୍ତ ସ୍ୱାସ୍ଥ୍ୟବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅଧପନ୍ତରିଆ ଚାରୋଟି ପୋଲକୁ ନେଇ ବଢୁଛି ଜନ ଅସନ୍ତୋଷ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ବିଭିନ୍ନ ସ୍ଥାନରେ ଅଧପନ୍ତରିଆ ପୋଲକୁ ନେଇ ବଢୁଛି ଜନ ଅସନ୍ତୋଷ। ଗ୍ରାମାଞ୍ଚଳ ଲୋକଙ୍କ ସୁଗମନାଗମନ ପାଇଁ ୮ ବର୍ଷ ପୂର୍ବେ ବ୍ଲକର ଚାରୋଟି ସ୍ଥାନରେ ହାଇଲେବଲ ବ୍ରିଜ ନିର୍ମାଣ କାମ ଆରମ୍ଭ ହେଲା, କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ମଧ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲାନି। କୁନ୍ଦୁରା ପଞ୍ଚାୟତ କୁର୍ଲୁ ନଦୀରେ ବନୁଗୁଡ଼ା ଓ ବାରବନ୍ଧାରେ ଦୁଇଟି ବ୍ରିଜ୍ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଡଙ୍ଗରପାଉଁସି ପଞ୍ଚାୟତର ବେଢାପାଉଁସି ଏବଂ କଟାରିପୁଟ କୋଲାବ ନଦୀରେ ଦୁଇଟି ହାଇଲେବଲ ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ଚାରୋଟି ହାଇଲେବଲ ପୋଲ ନିର୍ମାଣ କାର୍ଯ୍ୟ ଏନବିସିସି ନାମକ ଏକ ଠିକାସଂସ୍ଥାକୁ ଟେଣ୍ଡର ମିଳିଥିଲା, କିନ୍ତୁ ଠିକାଦାରଙ୍କ ମନମାନି ଓ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି ପୋଲ ନିର୍ମାଣ କାର୍ଯ୍ୟ। ଫଳରେ ଯାତାୟାତ କ୍ଷେତ୍ରରେ ସମସ୍ୟା ଭୋଗୁଛନ୍ତି ସ୍ଥାନୀୟ ବାସିନ୍ଦା। କୁର୍ଲୁ ନଦୀରେ ବ୍ରିଜ୍ ନିକଟରେ ରାସ୍ତା ନିର୍ମାଣ ହୋଇନାହିଁ ଏବଂ ପଥର ପେଚିଙ୍ଗ ମଧ ହୋଇନାହିଁ, ବ୍ରିଜ୍ ନିର୍ମାଣ ହୋଇଥିବା ସ୍ଥାନରେ ଛୋଟବଡ଼ ଫାଟ ମଧ ସୃଷ୍ଟି ହୋଇଛି, ଫଳରେ ବିପଦସଂକୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ସ୍ଥାନୀୟ ବାସିନ୍ଦା।

ସେହିପରି ୨୦୧୮ରେ କୁନ୍ଦୁରା ବ୍ଲକ୍ ଡ଼ଙ୍ଗରପାଉଁସି ପଞ୍ଚାୟତ କୋଲାବ ନଦୀରେ ଦୁଇଟି ହାଇଲେବଲ ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇନି। ପ୍ରଶାସନର ଅବହେଳା ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ୪ଟି ହାଇଲେବଲ ବ୍ରିଜ ନିର୍ମାଣ କାର୍ଯ୍ୟ ଅବହେଳିତ ଭାବରେ ଅଧପନ୍ତରିଆ ଅବସ୍ଥାରେ ପଡିରହିଛି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ମକଡ୍ରିଲ୍

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଓ୍ୱାର୍ଡ ନଂ ୯, ମଧୁବନ, ବାରିପଦା ଆନୁକୂଲ୍ୟରେ ଆଶ୍ରୟସ୍ଥଳୀ ସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୟୂରଭଞ୍ଜ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱରଙ୍କ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପୌରପରିଷଦ, ବାରିପଦା, ଆଶ୍ରୟ ସ୍ଥଳୀ ରକ୍ଷଣ ବେକ୍ଷଣ ଓ ପରିଚାଳନା ସମିତି ମଧୁବନ ଓ୍ୱାର୍ଡ ନଂ ୯ ଓ ସ୍ୱାର୍ଡ଼। ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଶ୍ରୟ ସ୍ଥଳୀର ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ମୁଖ୍ୟ ବକ୍ତା ଭାବେ ବାରିପଦା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜରୁରୀ କାଳୀନ ଅଧିକାରୀ ଶ୍ରଦ୍ଧା ସୁମନ, ସ୍ୱାର୍ଡ଼। ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଓଡିଆରଏଫର ଅରୁଣ କୁମାର ମହାନ୍ତ, ଅବସରପ୍ରାପ୍ତ ଅଧକ୍ଷ ଡ. କୁଞ୍ଜବନ ପୃଷ୍ଟି, ଓ୍ୱାର୍ଡ ନଂ୮ର କାଉନସିଲର ମୁର୍ଚ୍ଛନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ନିକଟରେ ଲଘୁଚାପ ସୃଷ୍ଟି ହୋଇ ଅତି ପ୍ରବଳ ବର୍ଷା ସମ୍ଭାବନା ଅଛି ତାହାରି ଉପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଲୋକମାନେ ସାପକାମୁଡ଼ା ଓ ବଜ୍ରପାତ ସମୟରେ କିଭଳି ଭାବେ ସଚେତନ ରହିବେ ସେ ସମ୍ପର୍କରେ ଓଡିଆରଏଫ ତରଫରୁ ତାଲିମ ଦିଆଯାଇଥିଲା। ଉକ୍ତ ବୈଠକରେ ଆଶ୍ରୟସ୍ଥଳୀର ସଭ୍ୟ ଡ.ଯୋଗେନ୍ଦ୍ର ନାଥ ପଣ୍ଡା, ରଘୁନାଥ ପଣ୍ଡା, ବସନ୍ତ କୁମାର ଦାସ, ଈଶ୍ୱର ଚନ୍ଦ୍ର ଦାସ, ସୁବୋଧ କୁମାର ପଲେଇ, ପାର୍ବତୀ ମୁଣ୍ଡା, କେଶରାଣୀ ଜେନା, ସତ୍ୟଭାମା ସାହୁ, ପବିତ୍ର ସାମଲ ଏବଂ ଭିନ୍ନକ୍ଷମ ପରିବିନ୍ଦୁ, ଅଜୟ କୁମାର ବାରିକ, ସର୍ଦ୍ଦାର ମୋହନ ମୁର୍ମୁ ତଥା ବିଭିନ୍ନ ଶ୍ରେଣୀର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଡ. କୁଞ୍ଜବନ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ।

## ଲୋକଙ୍କ କାମରେ ଆସୁନି କାଜୁ ପ୍ରକ୍ରିୟାକରଣ କେନ୍ଦ୍ର

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଖଇରପୁଟ ଠାରେ ୨୦୧୫-୧୬ ମସିହାରେ ବଣ୍ଡା ଜନଜାତିର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକ କାଜୁ ପ୍ରକ୍ରିୟାକରଣ କେନ୍ଦ୍ର (କ୍ଷୁଦ୍ର ଶିଳ୍ପ) ପ୍ରତିଷ୍ଠା କରାଗଲା। ବଣ୍ଡାଘାଟିର ୫୩ ଜଣ ମହିଳାଙ୍କୁ ଏହି କାଜୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ହସ୍ତାନ୍ତର କରାଯାଇ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ମହିଳାମାନେ କାଜୁ ଖରିଦ କରିବା ପରେ ଏଠାରେ କାଜୁ ମଞ୍ଜି ବାହାର କରି ଏହାକୁ ରାଜ୍ୟ ବାହାରକୁ କିମ୍ବା ବାହାର ଦେଶକୁ ରପ୍ତାନୀ କରିବାର ଯୋଜନା ରହିଥିଲା। ୨୦୧୭ ମସିହାରେ ଏହି କେନ୍ଦ୍ର ଜୋରସୋରରେ ଚାଲିଲା। ତେବେ କିଛି ବର୍ଷ ଚାଲିବା ପରେ ପୁଣି ବନ୍ଦ ପଡ଼ିଗଲା। ଏବେ ଏହି କେନ୍ଦ୍ରରେ ତାଲା ଝୁଲୁଛି। ଲକ୍ଷାଧିକ ଟଙ୍କାର ମେସିନ ଖତ ଖାଉଛି। ଏହି ମେସିନଗୁଡିକ ପୁଣି ଚାଲିବ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରତିବର୍ଷ ବଣ୍ଡା ଯୁବକ ଯୁବତୀ ଦାଦନ ଖଟିବାକୁ ଆନ୍ଧ୍ର, ତାମିଲନାଡୁ ସହ ବାହାର ରାଜ୍ୟକୁ ଯାଉଥିବାରୁ ଓ ସେମାନେ ଏକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ସେମାନଙ୍କ ଅଭ୍ୟୁତ୍ଥାନ କରିବାର ଯୋଜନା ସରକାର କରିଥିଲେ। ମାଲକାନଗିରି ଆଇଟିଡିଏ ତରଫରୁ ଏଠାରେ କାଜୁ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲାଗଲା। ବଣ୍ଡା ଉନ୍ନୟନ ସଂସ୍ଥା ଏହାର ଦେଖାରେଖା କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଓଡ଼ିଶା ଜୀବିକା ମିଶନ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇ କାଜୁ ଖରିଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରକାଶ ଥାଉକି, ଖଇରପୁଟ ଅଞ୍ଚଳ କାଜୁ ଉତ୍ପାଦନରେ ଜିଲ୍ଲାରେ ପ୍ରଥମ ସ୍ଥାନରେ ରହିଛି। ଏହି ଅଞ୍ଚଳର ଶହ ଶହ କ୍ୱିଣ୍ଟାଲ କାଜୁ ପ୍ରତିବର୍ଷ ବାହାର ଜିଲ୍ଲା ସମେତ ରାଜ୍ୟକୁ ଚାଲାଣ ହେଉଥିଲା। ଏହି ଅଞ୍ଚଳ ଆଦିବାସୀ ଏହାର ପ୍ରକୃତ ମୂଲ୍ୟ ଜାଣିନପାରି ଅତି ଶସ୍ତାରେ ଏହାକୁ ବିକ୍ରି କରିଦେଉ ଥିଲେ। ଦଲାଲଙ୍କ ହାବୁଡରେ ପଡ଼ି ଠକାମୀର ଶିକାର ହେଉଥିଲେ। ତେବେ ବଣ୍ଡା ଉନ୍ନୟନ ସଂସ୍ଥା ଓ ଡିଡାୟୀ ଉନ୍ନୟନ ସଂସ୍ଥା ତରଫରୁ କଞ୍ଚା କାଜୁ ଏହି କେନ୍ଦ୍ରକୁ ଯୋଗାଇ ଦିଆଯିବା ସହ ଏହାର ଲାଭାଂଶ ଚାଷୀଙ୍କୁ ପ୍ରଦାନ ପରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମଧ ପାଇବେ। କେବଳ ୧୦ ପ୍ରତିଶତ ଏହି ପ୍ରକ୍ରିୟାକରଣ କେନ୍ଦ୍ରର ଦେଖାରେଖା ପାଇଁ ଖର୍ଚ୍ଚ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ତେବେ ଦୀର୍ଘ ବର୍ଷ ଧରି ଏହି କାଜୁ ପ୍ରକ୍ରିୟାକରଣ କେନ୍ଦ୍ର ବନ୍ଦ ପଡିଥିବାରୁ ପ୍ରଥମତଃ ବଣ୍ଡା ମହିଳାଙ୍କ ରୋଜଗାର ବନ୍ଦ ହେଲା ଏବଂ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି କାଜୁ ପ୍ରକ୍ରିୟାକରଣ କେନ୍ଦ୍ର ବର୍ତ୍ତମାନ ଭୂତକୋଠି ପାଲଟିଛି। ପୁନଶ୍ଚ ଏହି କେନ୍ଦ୍ର ଆରମ୍ଭ ହେଲେ ବହୁ ବଣ୍ଡା ଯୁବକଯୁବତୀ ରୋଜଗାର ପାଇବା ସହ ଏହି ଅଞ୍ଚଳର କାଜୁ ଚାଷୀ ମଧ ଲାଭବାନ ହେବେ।

## ଜିଲ୍ଲା ସ୍ତରୀୟ ଉଦ୍ୟାନକୃଷି କର୍ମଶାଳା

## ସରକାରୀ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ ବରଗଡ଼ଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଉଦ୍ୟାନକୃଷି କର୍ମଶାଳା ଏବଂ ତେଲ ତାଳ ତାଲିମ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ବରଗଡ଼ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଏବଂ ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଇପ୍ସିତା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ, ବରଗଡ଼ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଯୋଗ ଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଅଣ ଧାନ ଫସଲ ଯଥା ତେଲ ତାଳ (ଅୟେଲ ପାମ) ଚାଷ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବିଧାୟକ ଅତାବିରା ନିହାର ରଞ୍ଜନ ମହାନନ୍ଦ ଯୋଗ ଦେଇ ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଆଦିତ୍ୟ ଗୋଏଲ, ଜିଲ୍ଲାପାଳ ବରଗଡ଼ ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଉପସ୍ଥିତ ଚାଷୀଙ୍କ ସହିତ ତେଲ ତାଳ ଚାଷ ବିଷୟରେ ବିସ୍ତୃତ ଆଲୋଚନା କରିବା ସହିତ ଅଏଲ ମିଲ ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ଆସିଥିବା ସଫଳ ଏବଂ ରାଜ୍ୟସ୍ତରରେ ପୁରସ୍କୃତ ଚାଷୀମାନଙ୍କୁ ସମ୍ବର୍ଦ୍ଧନା ପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ବରଗଡ଼ ପ୍ରସନ୍ନ କୁମାର ପାଣ୍ଡେ, ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଶ୍ରୀମତୀ ସୌଭାଗିନୀ ବେହେରା, ବରାହଗୁଡ଼ା ରେଞ୍ଜ ଅଫିସର ଶ୍ରୀମତୀ ଆରତୀ ନେଗୀ, କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ର ମୃତ୍ତିକା ବିଶେଷଜ୍ଞ ଡ. ରାହୁଲଦେବ ବେହେରା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।



## ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରୁଛନ୍ତି ସରକାର



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ବିଜେପି ସରକାରଙ୍କ ରାଜ୍ୟରେ ଏକ ବର୍ଷ ଓ କେନ୍ଦ୍ରରେ ୧୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜେପି ନଗର ସଂଗଠନ ପକ୍ଷରୁ ଏକ କର୍ମଶାଳା ମ୍ୟୁନିସିପାଲିଟି ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେପି ନେତ୍ରୀ ତଥା କେନ୍ଦ୍ରାପଡ଼ା ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ପକ୍ଷରୁ ଦେଶର ଜନସାଧାରଣଙ୍କ ପାଇଁ ଲାଗୁ କରାଯାଇଥିବା ବିଭିନ୍ନ ଜନ ହିତକର ଯୋଜନାର ରୂପରେଖ ସଂପର୍କରେ ଆଲୋଚନା କରିବା ସହ ଏହାଦ୍ୱାରା ହିତାଧିକାରୀମାନେ ଉପକୃତ ହେଉଥିବା ସଂପର୍କରେ ଆଲୋକପାତ କରିଥିଲେ। ଉଭୟ ନିର୍ବାଚନରେ ଜନ ସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ଉଭୟ ସରକାର ସକ୍ରୀୟ ଭାବେ କାର୍ଯ୍ୟ କରି ଚାଲିଛନ୍ତି ବୋଲି ଶ୍ରୀମତୀ ସେଠୀ ଅବଗତ କରାଇଥିଲେ। ବିଜେପି ପୂର୍ବତନ ନଗର ସଭାପତି ପ୍ରଭାତ ମହାନ୍ତିଙ୍କ ସମେତ ନଗର ସଭାପତି ନିହାରିକା ନାୟକ, ଉପ ସଭାପତି ପଦ୍ମଲୋଚନ ମହାପାତ୍ର, ନେହେରୁ କୁମାର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା କର୍ମଶାଳାରେ ଅଂଶ ଗ୍ରହଣ କରିଥିଲେ।

## ଟିଉସନ ପିଲାଙ୍କୁ ଟାର୍ଗେଟ କରୁଛନ୍ତି ଲୁଟେରା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସହରରେ ବର୍ତ୍ତମାନ ପୁଣି ଥରେ ବାଇକ୍ ଲୁଟେରାଙ୍କ ରାଜ୍ ଆରମ୍ଭ ହେବାରେ ଲାଗିଲାଣି। ନିଛାଟିଆ ରାସ୍ତା ଓ ଗଳି କନ୍ଦି ଦେଖି ଲୁଟେରାମାନେ ଲୁଟିବାକୁ ଉଦ୍ୟମ କରୁଛନ୍ତି। ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ମାନେ ଟିଉସନ ଯାଉଥିବା ବେଳେ ଲୁଟେରାମାନେ ଛପି ରହିଥାନ୍ତି ଏବଂ ସୁଯୋଗ ଦେଖି ସେମାନେ ପିନ୍ଧିଥିବା ଘଣ୍ଟା, ମୋବାଇଲ ଓ ଟଙ୍କା ଛଡ଼ାଇ ନେଇଥାନ୍ତି। ସ୍ଥାନୀୟ ପାରାବେଡା ସ୍ଥିତ ସନ୍ତୋଷୀ ମା’ ନଗର ଅଞ୍ଚଳରେ ଏହିପରି ଘଟଣା ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୭ଟା ସମୟରେ ୨ରୁ ୩ ଜଣ ଛାତ୍ର ଟିଉସନ ସାରି ଘରକୁ ଫେରୁଥିବା ସମୟରେ ହଠାତ ଏକ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି ଜଣେ ଛାତ୍ର ପିନ୍ଧିଥିବା ଘଣ୍ଟାକୁ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଫଳରେ ପିଲାଟି ଚିତ୍କାର କରିବା ସହ ନିଜକୁ ରକ୍ଷା କରି ଦୌଡ଼ି ପଳାଇବାରୁ ବାଇକ୍‌ରେ ଥିବା ଲୁଟେରାମାନେ ମଧ ପଳାଇ ଯାଇଥିଲେ। ବାଇକ୍‌ରେ ଥିବା ଲୁଟେରାମାନେ ନାବାଳକ ଥିବା ଦେଖିବାକୁ ମିଳିଥିଲା।

## ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ପଞ୍ଚମ ଶ୍ରେଣୀ ଛାତ୍ର ଗୁରୁତର

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଦେଓବନ୍ଧ ପ୍ରାଥମିକ ବିଦ୍ୟାଳୟ ଘଟିଛି ଏକ ଅଘଟଣ। ବିଦ୍ୟାଳୟ ଖୋଲିବାର ପ୍ରଥମ ଦିନରେ ଘଟିଛି ଏହି ଅଘଟଣ। ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ପଞ୍ଚମ ଶ୍ରେଣୀର ଜଣେ ଛାତ୍ରଙ୍କ ମୁଣ୍ଡ ଫାଟିଛି। ଛାତ୍ର ଜଣକ ସାନଜିଉଳି ଗ୍ରାମର ଦିବ୍ୟାଂଶୁ ମହାନ୍ତି ବୋଲି ଜଣାପଡିଛି। ଛୁଟି ଖୋଲିବା ପରେ ପ୍ରଥମ କରି ବିଦ୍ୟାଳୟ ଆସିଥିବା ଦିବ୍ୟାଂଶୁଙ୍କ ଉପରେ ହଠାତ୍ ଛାତରୁ ପ୍ଲାଷ୍ଟର ଖସି ମୁଣ୍ଡ ଉପରେ ପଡ଼ିଥିଲା। ଫଳରେ ତାଙ୍କ ମୁଣ୍ଡ ଫାଟିବା ସହିତ ସେ ଗୁରୁତର ହୋଇପଡ଼ିଥିଲେ। ତେବେ ବିଦ୍ୟାଳୟରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଦାୟିତ୍ୱହୀନତା ଭାବେ ଗୁରୁତର ଛାତ୍ରଙ୍କ କୌଣସି ଚିକିତ୍ସା ନକରି ଅନ୍ୟ ଏକ ତଳ ଶ୍ରେଣୀ ଛାତ୍ର ସହିତ ଘରକୁ ପଠାଇ ଦେଇଥିଲେ। ଏହାକୁ ନେଇ ବିଦ୍ୟାଳୟ ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ହୋଇଥିଲା। ଗୁରୁତର ଛାତ୍ରଙ୍କ ଅଭିଭାବକ ମାନେ ଏହି ଦାୟିତ୍ୱହୀନ ଘଟଣା ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଏନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଶଙ୍କରାଖୋଲକୁ ବ୍ଲକ ଗଠନ ପାଇଁ ଦାବିପତ୍ର ପ୍ରଦାନ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ବ୍ଲକ ଶଙ୍କରାଖୋଲକୁ ନୂତନ ବ୍ଲକ ଗଠନ କରିବାକୁ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନେ ବାଲିଗୁଡ଼ା ଉପ ଜିଲ୍ଲାପାଳ ଡା. ରୀନା ପ୍ରଧାନଙ୍କୁ ଭେଟି କିଛି ସମୟ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଯାହାକି, ତହସିଲଠୁ ଆରମ୍ଭ କରି କୃଷି, ଶିକ୍ଷା, ଅଗ୍ନିଶମ, ଥାନା ପାଇଁ ୪୦ କିମି ଦୂର ଚକାପାଦ ବ୍ଲକ ଯିବାକୁ ପଡୁଛି ଫଳରେ ୭ ପଞ୍ଚାୟତବାସୀ ଅସୁବିଧା ଭୋଗୁଛନ୍ତି। ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର



ପାଇବାକୁ ହେଲେ ବ୍ରାହ୍ମଣପାଦରେ ଥିବା ମେଡିକାଲ ଯିବାକୁ ପଡୁଛି। ବ୍ରହ୍ମପୁର ଠାରୁ ଫୁଲବାଣୀ ୧୫୭ ନଂ. ଜାତୀୟ ରାଜପଥରେ ପଡୁଥିବା ଶଙ୍କରାଖୋଲ ମଧ୍ୟ ମୁଖ୍ୟ ସ୍ଥଳୀ ହୋଇଥିବା ସହ ସମସ୍ତ ଅଞ୍ଚଳ କୁ ଗମନାଗମନର ସୁବିଧା ଥିବା ଦୃଷ୍ଟି କୋଣରୁ ଶଙ୍କରାଖୋଲକୁ ନୂତନ ବ୍ଲକ ଗଠନ କରିବାକୁ ପାଇଁ ଜନସାଧାରଣ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଭାପତି ଚିତ୍ର କହଁର, ଉପସଭାପତି ସର୍ବେଶ୍ୱର କହଁର, ବିଷ୍ଣୁ ଦିଗାଲ, ସମ୍ପାଦକ ଅଶୋକ କହଁର, କୋଷାଧକ୍ଷ ଭାବଗ୍ରାହୀ ପ୍ରଧାନ, ସମିତିସଭ୍ୟ କିରାପ ପ୍ରଧାନ, ସଦସ୍ୟ ଭଞ୍ଜକିଶୋର ପ୍ରଧାନ, ଛାଟିଆ ବେହେରା, ଗୋବିନ୍ଦ ଅମାତ୍ୟ, ଆକାଶ ବଗର୍ତ୍ତୀ ସୁମନ କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ତୃଣମୂଳ ସ୍ତରରେ କଂଗ୍ରେସକୁ ସୁଦୃଢ଼ କରିବାକୁ ଆହ୍ୱାନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ସଭାପତିତ୍ୱରେ ଆଦିକବି ଶାରଳା ଦାସ ସଂସ୍କୃତ ଭବନ, ଜଗତସିଂହପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ପିସିସି ଉପସଭାପତି ତଥା ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ସମ୍ବିଧାନ ସୁରକ୍ଷା ନିମନ୍ତେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି କିଷାନ କଂଗ୍ରେସ ଅଧକ୍ଷ ଅଭୟ କୁମାର ସାହୁ, ପିସିସି ଉପ ସଭାପତି ତଥା ପୂର୍ବତନ ବିଧାୟକ ଡ ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ସାଂସଦ ରଞ୍ଜିବ ବିଶ୍ୱାଳ, ପିସିସି ସାଧାରଣ ସମ୍ପାଦକ ୟାସିର୍ ନବାଜ, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ଜଗତସିଂହପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ଜଗତସିଂହପୁରର ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ନାଉଗାଁ ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ବରିଷ୍ଠ ଆଇନଜୀବି ଡ. ଶୁଶାନ୍ତ କୁମାର କାନୁନଗୋ, ପୂର୍ବତନ ପିସିସି ସମ୍ପାଦକ ଅଜୟ ସାହୁ, ପୂର୍ବତନ ପିସିସି ସମ୍ପାଦକ ମହମ୍ମଦ ଇମଦାଦ୍, ପୂର୍ବତନ ପିସିସି ମୁଖପାତ୍ର ବିରେନ ଦଳେଇ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ବିକ୍ରମ କେଶରୀ ପରିଡ଼ା, ଏରସମା ବ୍ଲକ୍ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ଇମତିୟାଜ ଅହମ୍ମଦ ଖାଁ, ଡ. ଜଗଦାନନ୍ଦ ବେହେରା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ଇଂ ଜ୍ଞାନ ରଞ୍ଜନ ଜେନା, ଅବନୀକାନ୍ତ ମହାରଣା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମିର ଖୁଣ୍ଟିଆ, ଭାଗ୍ୟାଧର ଜେନା, ଅଶୋକ ଜେନା, ମିନୁ ଚୌଧୁରୀ, ରୁପଶ୍ରୀ ରାଗିଣୀ ସ୍ୱାଇଁ, ଦିଲ୍ଲିପ କୁମାର ମହାନ୍ତି, ପ୍ରମୋଦ ସାହୁ, ସୌମ୍ୟଜିତ ଦାଶ, ପ୍ରତାପ କୁମାର ମହାନ୍ତି, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ପ୍ରଣବ ମହାପାତ୍ର, ନାଥ କାଣ୍ଡି, ଜ୍ଞାନ ରଞ୍ଜନ ପୃଷ୍ଟି, ବିଶ୍ୱଜିତ ପୋଥାଳ, ରବିନ୍ଦ୍ର ଆଚାର୍ଯ୍ୟ, ସ୍ୱରୁପ କାନୁନଗୋ, ହିଫଜୁର୍ ରହେମାନ, ଅବନୀକାନ୍ତ ମହାରଣା, ସେଖ୍ ହେଦାୟତ ଅଲ୍ଲୀ, ଭାସ୍କର ମଲ୍ଲିକ, ଆର୍ତ୍ତତ୍ରାଣ ପଣ୍ଡା, ଆର୍ଶୀବାଦ ତ୍ରିପାଠୀ, ସରୋଜ ମହାପାତ୍ର, ସୁକାନ୍ତ ମହାପାତ୍ର, ଉମେଶ ସ୍ୱାଇଁ ପ୍ରମୁଖ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଏହି ଅବସରରେ ନୂଆପୋଲ ଛକ ଠାରୁ ଏକ ବିଶାଳ ମଟରସାଇକେଲ ଶୋଭା-ଯାତ୍ରାରେ ନେତୃମଣ୍ଡଳୀକୁ ଅଣାଯିବା ସହ ଆଦିକବି ଶାରଳା ଦାସ ସଂସ୍କୃତ ଭବନ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜଗତସିଂହ ପୁର ଜିଲ୍ଲା କଂଗ୍ରେସ ଓ ବାଲିକୁଦା ବ୍ଲକ ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ନେତୃମଣ୍ଡଳୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ପାହାଡ଼ିଆ ଗାଁ ସିଉନାପଦର ଓ କର୍ତାସକୁ ବିକାଶ ଅପହଞ୍ଚ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ପାହାଡ଼ିଆ ଗାଁକୁ ପହଞ୍ଚିନି ବିକାଶ। ଯଦ୍ୱାରା ବଦଳି ପାରିଲାନି ପାହାଡ଼ିଆ ଗାଁର ନକ୍ସା। ଆଜିବି ମୌଳିକ ସମସ୍ୟାର ସମାଧାନ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ। ଗାଁକୁ ରାସ୍ତା ନଥିବାରୁ ଜୀବିକା ପାଇଁ ଜଙ୍ଗଲୀ ପାହାଡ଼ିଆ ପାଦଚଲା ରାସ୍ତା ହିଁ ଏମାନଙ୍କ ଜୀବନ ରେଖା। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ହରଡ଼ାଗୁଡ଼ା ପଞ୍ଚାୟତର ଏଭଳି ଦୁଇ ଗାଁ ସିଉନାପଦର ଓ କର୍ତାସ ଗ୍ରାମ। ପ୍ରକୃତିର କୋଳରେ ବିତୁଛି ଅଭିସପ୍ତ ଜୀବନ। ନା ଏଠି ଖଣ୍ଡିଏ ରାସ୍ତାର ସୁବିଧା ଅଛି ନା ପାନୀୟ ଜଳର ସୁବିଧା ହେଇଛି। ଜୀବନ ଜୀଇବା ପାଇଁ କୌଣସି ଜୀବିକା ବି ନାହିଁ। ବାଧ ହୋଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ତିନୋଟି ପାହାଡ଼ ଦେଇ ସେସବୁକୁ ଅନ୍ୟ ଗାଁରେ ବିକ୍ରି କରି ସେଥିରୁ ନିଜର ଗୁଜୁରାଣ ମେଣ୍ଟାନ୍ତି ଏମାନେ। କିଛି ଲୋକ ପାହାଡିଆ ପାଣିକୁ ଭରସା କରି ମାଣ୍ଡିଆ ସୁଆ ଓ ପନିପରିବା ଚାଷ କରି ସେଥିରୁ କିଛି କିଛି ରୋଜଗାର କରନ୍ତି। ଦୁଇ ଗାଁରେ ସନ୍ଧ୍ୟା ହେବା କ୍ଷଣି ଅନ୍ଧାର ରାଜୁତି କରେ। ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏହି ଦୁର୍ଗମ ଅଞ୍ଚଳରେ ଅପହଞ୍ଚ। ଏଭଳି ଦୁଇ ପାହାଡ଼ିଆ ଗାଁ ହେଉଛି ବୋରିଗୁମ୍ମା ବ୍ଲକର ସିଉନା ପଦର ଓ କର୍ତାସ।

ପଞ୍ଚାୟତ ସଦର ମହକୁମା ଠାରୁ ୧୨ କି.ମି. ଦୂରରେ ଅବସ୍ଥିତ ଏହି ଗାଁ। ଗାଁ କୁ ଯିବାକୁ ହେଲେ ଭାଲୁ ମହଲ ଠାରୁ ୫ କିଲୋମିଟର ଘଞ୍ଚ ଜଙ୍ଗଲ ମଝିରେ ଅଙ୍କାବଙ୍କା ସଂକୀର୍ଣ୍ଣ ପଥରିଆ ପାଦଚଲା ରାସ୍ତାରେ ତିନୋଟି ପାହାଡ଼ ଅତିକ୍ରମ କରିବା ପରେ ପଡେ ଏହି ଦୁଇ ଗାଁ ସିଉନା ପଦର ଓ କର୍ତାସ। ସ୍ୱାଧିନତାର ୭୭ ବର୍ଷ ପରେ ବି ଏଠି ବିକାଶ ତ ଦୂରର କଥା ମୌଳିକ ସମସ୍ୟାର ସମାଧାନ ହୋଇପାରିନି। ସିଉନାପଦର ଗାଁରେ ୩୦ ପରିବାର ୧୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ବସବାସ କରୁଥିବା ବେଳେ ସେହି ଗାଁ ପାଖକୁ ଲାଗି ରହିଛି ସିଙ୍ଗାରି ନଦୀ। ନଦୀ ସେପଟ ହେଉଛି କର୍ତାସ ଗାଁ। ଏହି ଗାଁ ରେ ୨୦ରୁ ଉର୍ଦ୍ଧ୍ୱ ପରିବାର ରୁହନ୍ତି। ଦୁଇଟି ଯାକ ଗାଁ ରେ କନ୍ଧ ସମ୍ପ୍ରଦାୟର ୫୦ ପରିବାର ରୁହନ୍ତି। ବର୍ଷ ବର୍ଷ ଧରି ଗ୍ରାମକୁ ଖଣ୍ଡିଏ ରାସ୍ତା ବି ସଂଯୋଗ ହୋଇପାରୁନି। ପାଦଚଲା ସଂକୀର୍ଣ୍ଣ ଜଙ୍ଗଲ ପଥରିଆ ରାସ୍ତା ହିଁ ଏମାନଙ୍କ ଗମନାଗମନର ମାଧ୍ୟମ। ସ୍କୁଲ ପିଲାଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପଥରିଆ ରାସ୍ତାରେ ୫ କି.ମି. ଯିବାକୁ ପଡେ। ପ୍ରତି ମାସରେ ବୃଦ୍ଧ ବୃଦ୍ଧା ହିତାଧିକାରୀ ମାନେ ପଞ୍ଚାୟତରୁ ଚାଉଳ ଓ ବିଧବା ଭତା ଟଙ୍କା ଧରି ବହୁ କଷ୍ଟରେ ଗାଁକୁ ଫେରନ୍ତି। ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ଉଚିତ୍ ବ୍ୟବସ୍ଥା ହୋଇନି। ବହୁ ବର୍ଷ ତଳର ଏକ ନଳକୂପ ରହିଛି ସେଥିରୁ ପାଣି ବାହାରୁନି। ଫଳରେ ଗାଁ ନିକଟରେ ଥିବା ସିଙ୍ଗାରି ନଦୀର ପାଣି ଏମାନଙ୍କ ଭରସା। ଦୁଇ ଗାଁରେ କୌଣସି ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିନାହିଁ। ଗାଁ ରେ ଅଙ୍ଗନୱାଡି କେନ୍ଦ୍ର ନାହିଁ କି ସ୍କୁଲ ନାହିଁ। ଫଳରେ କୁନି କୁନି ଶିଶୁ ଓ ଗର୍ଭବତୀ ମହିଳାମାନେ ପୃଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ପିଲାମାନେ ବହି ଧରିବା ବୟସରେ ଗାଈ ଗୋରୁ ଚରାଳୀ ପାଲଟିଛନ୍ତି। ଶିକ୍ଷାର ଅଭାବ କାରଣରୁ ଏମାନଙ୍କ ଭାଷାଗତ ସମସ୍ୟା ସବୁବେଳେ ଉପୁଜେ। ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଅସିପାରୁନି। ଫଳରେ ଗର୍ଭବତୀ ମହିଳା ଓ ରୋଗୀକୁ ୫ କି.ମି. ପାହାଡିଆ ରାସ୍ତାରେ କାନ୍ଧରେ ବୋହି ଭାଲୁମହାଲ କିମ୍ବା ଲାଠିକଟାର ଆଣିଲେ ସେଠାରୁ ଆମ୍ବୁଲାନ୍ସରେ କାଠରଗଡା ମେଡ଼ିକାଲ ଯାଆନ୍ତି। ସରକାରୀ ସ୍ତରରେ କାମ ନପାଇ ଜଙ୍ଗଲଜାତ ଦ୍ରବ୍ୟ ଓ କାଠ ସଂଗ୍ରହ କରି ସେଥିରେ ଜୀବିକା ନିର୍ବାହ କରନ୍ତି ଏମାନେ। ଗତ ବର୍ଷ ଏହି ଦୁଇ ଗାଁକୁ ବିଦ୍ୟୁତ ସଂଯୋଗ ହୋଇଥିଲା, କିନ୍ତୁ ଏକ ମାସ ମଧ୍ୟରେ ବିଦ୍ୟୁତ ସେବା ବନ୍ଦ ହୋଇଗଲା। ବର୍ଷେ ହେବ ଦୁଇ ଗାଁ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ଗାଁରେ ବିଦ୍ୟୁତ ସେବା ସ୍ୱାଭାବିକ୍ କରିବା, ଭାଲୁ ମହଲ ଠାରୁ ସିଉନାପଦର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ବନ୍ଦ ହୋଇ ପଡ଼ିଥିବା ପାଣି ପାଇପରେ ପାନୀୟ ଜଳର ଯୋଗାଣ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ।

ଏହି ଦୁଇ ଗାଁକୁ ରାସ୍ତା, ସଂଯୋଗ ହୋଇ ନଥିବାରୁ ଏଠି ସରକାରୀ ଯୋଜନା ପହଞ୍ଚିପାରୁନି। କିଛି ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ ବି ଘର ନିର୍ମାଣ ପାଇଁ ବାଲି, ରଡ଼ ଓ ସିମେଣ୍ଟ ନେଇ ପାରୁ ନାହାନ୍ତି, ଏଣୁ ସମସ୍ତ ଘର ନିର୍ମାଣ କାର୍ଯ୍ୟ ହୋଇପାରିନି। ବର୍ଷ ବର୍ଷ ଧରି କୌଣସି ସରକାରୀ ବାବୁଙ୍କର ପାଦ ବି ପଡୁନି ଏହି ଦୁଇ ଗାଁରେ। ଏସବୁ ସମସ୍ୟାକୁ ନେଇ ପ୍ରଶାସନ ଓ ରାଜନେତାଙ୍କୁ ଗୁହାରି କଲେ ବି କେହି ଶୁଣୁ ନାହାନ୍ତି, କେବଳ ଭୋଟ ସମୟରେ ଦେଖା ଦେଉଛନ୍ତି ପରେ ଭୁଲି ଯାଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ ପାଖରେ ଅନେକ ଥର ଦାବିପତ୍ର ଦେଇଛନ୍ତି ଗ୍ରାମବାସୀ। ଏଣୁ ରାଜ୍ୟର ନୂଆ ବିଜେପି ସରକାରଙ୍କୁ ଗାଁ ରେ ବିଦ୍ୟୁତ, ରାସ୍ତା ଓ ପିଇବା ପାଣିର ସୁବିଧା କରିବା ନେଇ ଗ୍ରାମବାସୀ ନିବେଦନ କରିଛନ୍ତି। ବର୍ଷ ବର୍ଷ ଧରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳର ସମସ୍ୟା ରହିଛି। ଗମନାଗମନ ପାଇଁ ରାସ୍ତା ନଥିବାରୁ ଦୁର୍ଗମ ସିଉନାପଦର ଓ କର୍ତାସ ଗାଁ ଲୋକେ ଯନ୍ତ୍ରଣା ଭୋଗୁଛନ୍ତି।

## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲଟପ୍ ଅଭ୍ୟାସ ବୈଠକ

**ସୁନ୍ଦରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସଦ୍‌ଭାବନା ଭବନଠାରେ ଜିଲ୍ଲା-ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ଟେବୁଲଟପ୍ ଅଭ୍ୟାସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଡିପିଏଚଓ ଡା. ଶ୍ରୀବାଶିଷ ମହାରଣା, ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ପଣ୍ଡା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀ ଏବଂ ଏନଜିଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ପୋଲିସ, ଓଡ୍ରାଫ, ସିଭିଲ୍ ସପ୍ଲାଏ, ରାସ୍ତା ଏବଂ କୋଠାବାଡ଼ି, କୃଷି, ଉଦ୍ୟାନ କୃଷି, ପଶୁପାଳନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ଗ୍ରାମୀଣ ବିକାଶ, ସୁନ୍ଦରଗଡ଼ ପୌରପାଳିକା, ଟିପିଡବ୍ଲୁଓଡିଏଲ, କ୍ଷୁଦ୍ର ଜଳସେଚନ, କ୍ଷୁଦ୍ର ଜଳସେଚନ ଏବଂ ଶିକ୍ଷା ବିଭାଗର ଅଧିକାରୀ ଏବଂ ଏନଜିଓ ପ୍ରତିନିଧିମାନେ ସକ୍ରିୟ ଭାବରେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ଏହି ଅଭ୍ୟାସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଡେପୁଟି କଲେକ୍ଟର ପଣ୍ଡା କହିଥିଲେ ଯେ, ଏହି ଟେବୁଲଟପ୍ ଅଭ୍ୟାସବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବ, ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବ ଏବଂ ବିପର୍ଯ୍ୟୟ ସମୟରେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ସୁଦୃଢ଼ କରିବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଜରୁରୀକାଳୀନ ପରିସ୍ଥିତିରେ ଆଗୁଆ ପ୍ରସ୍ତୁତି, ଜନସଚେତନତା ଏବଂ ଦ୍ରୁତ ପ୍ରତିକ୍ରିୟାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ସମସ୍ତ ବିଭାଗକୁ ବର୍ଷା ପୂର୍ବରୁ ସେମାନଙ୍କର ଆକସ୍ମିକ ଯୋଜନାକୁ ଅପଡେଟ୍ କରିବା ଏବଂ ଆବଶ୍ୟକୀୟ ସମ୍ବଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭ୍ୟାସ ନିମନ୍ତେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ବୈଷୟିକ ସହାୟତା ପ୍ରଦାନ କରିଥିଲା। କାର୍ଯ୍ୟକ୍ରମରେ ଓସଡମାର ପ୍ରଶିକ୍ଷକ ଦେବୀ ପ୍ରସାଦ କହିଥିଲେ ଯେ, ଏହା ପ୍ରାକୃତିକ ଏବଂ ମାନବକୃତ ବିପର୍ଯ୍ୟୟ ପାଇଁ ଜିଲ୍ଲାର ପ୍ରସ୍ତୁତି ଏବଂ ପ୍ରତିକ୍ରିୟାଶୀଳତାକୁ ବହୁଳ ଭାବରେ ଉନ୍ନତ କରିବ। ଡିପିଏଚଓ ଡ଼ା ଶ୍ରୀବାଶିଷ ମହାରଣା ବର୍ଷା ଋତୁରେ ସାପ କାମୁଡ଼ାର ବର୍ଦ୍ଧିତ ଘଟଣା ଏବଂ ସମୟୋଚିତ ଚିକିତ୍ସା ଏବଂ ସାମୁଦାୟିକ ସଚେତନତାର ଆବଶ୍ୟକତା ଉପରେ ଚିନ୍ତା ପ୍ରକଟ କରିଥିଲେ। ସେ ଦୂଷିତ ପାଣି ଏବଂ ଖରାପ ପରିମଳ ବ୍ୟବସ୍ଥା ଯୋଗୁଁ ବର୍ଷା ଋତୁରେ ଦ୍ରୁତ ଗତିରେ ବ୍ୟାପିଥିବା ଜଳବାହିତ ରୋଗ ବିରୁଦ୍ଧରେ ସତର୍କ ମଧ କରାଇଥିଲେ। ଏହି ଅଭ୍ୟାସ କାର୍ଯ୍ୟକ୍ରମ ବନ୍ୟା, ବଜ୍ରପାତ ଏବଂ ସର୍ପାଘାତ ଭଳି ବିପର୍ଯ୍ୟୟର ପରିସ୍ଥିତି ଉପରେ ଆଧାରିତ ଥିଲା, ଯାହା ବିଭାଗ ଗୁଡ଼ିକୁ ସେମାନଙ୍କର ପ୍ରସ୍ତୁତି ମୂଲ୍ୟାଙ୍କନ କରିବାରେ ଏବଂ ପ୍ରତିକ୍ରିୟା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାରେ ସାହାଯ୍ୟ କରିବ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଜୁନ୍ ୨୦୨୫ ସୋମବାର





# ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଯୋଗ ଅତ୍ୟନ୍ତ ଜରୁରୀ



## ଓଡ଼ିଶା ଖଣି ନିଗମ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

**ଯୋଡ଼ା, ନ୍ୟୁଜ ବ୍ୟୁରୋ**

ବିଶ୍ୱ ବ୍ୟାପୀ 'ଆନ୍ତର୍ଜାତିକ ଯୋଗ ଦିବସ' ପାଳନ କରାଯାଉଛି । ଭାରତରେ ସୃଷ୍ଟ ଯୋଗ ନାମକ ଏକ ପ୍ରାଚୀନ ଶାରୀରିକ ଅଭ୍ୟାସର ଚିରନ୍ତନ ଉପକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏହି ସ୍ୱତନ୍ତ୍ର ଦିବସର ପରିକଳ୍ପନା କରାଯାଇଛି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଯୋଗାଭ୍ୟାସର ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଆଜିର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ଏକ ଶାନ୍ତ ତଥା ଚାପମୁକ୍ତ ପରିବେଶ ପାଇଁ ଯୁଝୁଥିବା ଲୋକମାନେ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବା ଏକାନ୍ତ ଜରୁରୀ ହୋଇପଡ଼ିଛି । ୨୦୧୪ ମସିହାରେ ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ପରି ଏକ ଅନନ୍ୟ ଭାରତୀୟ ପରମ୍ପରାକୁ ସମସ୍ତେ ଆପଣେଇବା ଲାଗି ଏକ ପ୍ରସ୍ତାବ ଦେଇଥିଲେ। ତା' ପରେ ଯୋଗର ଉପକାରିତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ର ଜୁନ୍ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିବା ପାଇଁ ରାଜି ହୋଇଥିଲେ। ୨୦୧୫ ମସିହାରୁ ପ୍ରତି ବର୍ଷ ଯୋଗ ଦିବସ ପାଳିତ ହୋଇ ଆସୁଛି । ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗ ଗୁରୁ ରିଶଙ୍କ କୁମାର ବିଭିନ୍ନ ପ୍ରକାର ଯୋଗ ପ୍ରଶିକ୍ଷଣ କରାଇଥିଲେ। ଏହି ଅବସରରେ ଓଡ଼ିଶା ଖଣି ନିଗମ ଆଞ୍ଚଳିକ ଅଧିକାରୀ ଅବନୀକାନ୍ତ ପ୍ରଧାନ ଯୋଗ ଦେଇ ଯୋଗ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ଆରୋଗ୍ୟ, ମାନସିକ ସୁସ୍ଥ, ଯୋଗର ବିଭିନ୍ନ ମୁଦ୍ରାର ଭିନ୍ନ ଭିନ୍ନ ପ୍ରଭାବ ଶରୀର ଉପରେ ପଡୁଥିବାରୁ ଏହାର ଦୈନନ୍ଦିନ ଅଭ୍ୟାସ ଦ୍ୱାରା କିପରି ନିରୋଗ ରହିହେବ ରହିବ ବୋଲି କହିଛନ୍ତି। । ଏହି ଯୋଗ ଶିବିରରେ ସୁରକ୍ଷା ପ୍ରବନ୍ଧକ ସନାତନ ବେହେରା, ସି ଏସ ଆର ପରାମର୍ଶଦାତା ନୂତନ ରାଉତ, କାର୍ମିକ ପ୍ରବନ୍ଧକ ଜଗନ୍ନାଥ ବେହେରା, ପୃଥ୍ୱୀରାଜ ପ୍ରଧାନ, ଯାଜ୍ଞସେନି ସ୍ମୃତିସୁଧା, ମନ୍ଦୋଦରୀ ମହାନ୍ତ ଯୋଗ ଦେଇ ଯୋଗାଭ୍ୟାସ କରିଥିବା ବେଳେ ରାଜେଶ କୁମାର ରାଉତ, ଖିରୋଦ କୁମାର ସାହୁ ଏହି ଯୋଗ ଶିବିରକୁ ପରିଚାଳନା କରିଥିଲେ।

## ଜିଲ୍ଲାର ତୃତୀୟ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

# କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିକାଶ କାର୍ଯ୍ୟର ସମୀକ୍ଷା କଲେ ବୈଜୟନ୍ତ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**




ଜିଲ୍ଲା ତୃତୀୟ ସମନ୍ୱୟ ଓ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଥମେ ଗତ ଦିଶା ବୈଠକର କାର୍ଯ୍ୟାନୁଷ୍ଠାନ ଉପରେ ସାଂସଦ ସମୀକ୍ଷା ପରିଥିଲେ । ପରେ ଚଳିତ ବୈଠକର ଏଜେଣ୍ଡା ଅନୁସାରେ ବୈଠକରେ ଆଲୋଚନା ହୋଇଥିଲା । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଧାନ ସଂଗ୍ରହ, ମଣ୍ଡୀ ମାନଙ୍କର ଭିତ୍ତିଭୂମି ବିକାଶ,ସମଗ୍ର ଶିକ୍ଷା ଅଭିଯାନ, ଶୀତଳ ଭଣ୍ଡାର ଇତ୍ୟାଦି ସମ୍ପର୍କରେ ମାନ୍ୟବର ସାଂସଦ ସମୀକ୍ଷା କରିଥିଲେ । ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ ରାଶି ବୃଦ୍ଧି, ବିଭିନ୍ନ ପ୍ରକଳ୍ପର ବକେୟା ରାଶି ପ୍ରଦାନ,ପାନୀୟ ଜଳ, ଅସାଧୁ ଆକାରରେ ଅନବରତଭାବେ ନଦୀରୁ ବାଲି ଉଠାଣ ବିରୋଧରେ ଚଢାଉ ନିମନ୍ତେ ନିର୍ବାଚିତ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାଛଡା ଜାତୀୟ ରାଜପଥର ଡ୍ରେନେଜ ବ୍ୟବସ୍ଥାକୁ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ବୈଠକରେ ସମସ୍ତ ବ୍ଲକର ନିର୍ବାଚିତ ପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ମାନେ ଉପସ୍ଥିତ ଥିଲେ। ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଉପରେ ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟ କିପରି ସଠିକ ଭାବେ କରିବେ, ସେଥିନିମନ୍ତେ ମାନ୍ୟବର ସାଂସଦ ଜିଲ୍ଲାପାଳଙ୍କୁ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଯୋଗକୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କଲେ ଜଙ୍ଗଲ ମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ହ୍ୟାଣ୍ଡବଲ ଷ୍ଟାଡିୟମ ଠାରେ ଜିଲ୍ଲା କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ଯୋଗ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବେତ ଯୋଗାଭ୍ୟାସ କରିବା ସହିତ ଅନନ୍ୟ ଭାରତୀୟ ପରମ୍ପରା ଯୋଗକୁ ବିଶ୍ୱ ଦରବାରରେ ବିଦିତ କରି ଆନ୍ତର୍ଜାତିକ ସ୍ତରରେ ଏହାର ପ୍ରଚାର ପ୍ରସାର



କରିଥିବାରୁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭିଡିଓ କନଫରେନସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାଇଜାଗ ଠାରୁ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ ଯାହାର ସିଧାପ୍ରସାରଣକୁ ହ୍ୟାଣ୍ଡବଲ ଗ୍ରାଉଣ୍ଡ ଠାରେ ପ୍ରଦର୍ଶିତ କରାଯାଇଥିଲା। ଏହି ସାମୁହିକ ଯୋଗାଭ୍ୟାସରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ଶ୍ରୀ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ପ୍ରାୟ ୨ ହଜାର ଜନସାଧାରଣ ମାନେ ଯୋଗାଭ୍ୟାସ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ସରୋଜ କୁମାର ମଲ୍ଲିକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଡକ ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଛତ୍ରପୁର, ନ୍ୟୁଜ ବ୍ୟୁରୋ**

ଗୋପାଳପୁର ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ପୋକୁଡିବନ୍ଧ ଛକରେ ସ୍କୁଟିକୁ ଧକ୍କା ଦେଲା ଟ୍ରକ । ଫଳରେ ଘଟଣା ସ୍ଥଳରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଲେ ଫୁଲଟା ଗ୍ରାମର ଢ଼ିଅ ସାହିର ପୁଷ୍ପାଞ୍ଜଳି ସକ୍ଷସମଲ। ଘଟଣାରୁ ଜଣାପଡିଛି ଯେ ଫୁଲଟା ଗ୍ରାମର ସାହେବ ସକ୍ଷସମଲ ଓ ତାଙ୍କ ସ୍ତ୍ରୀ ପୁଷ୍ପା ସ୍କୁଟି ଯୋଗେ କୌଣସି କାମରେ ଭାଟକୁମରଡା ଆସି ନିଜ ଗ୍ରାମକୁ ଫେରୁଥିବା ସମୟରେ ପୋକୁଡିବନ୍ଧ ଛକରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଯାହା ଫଳରେ ଘଟଣା ସ୍ଥଳରେ ପୁଷ୍ପାଞ୍ଜଳୀଙ୍କର ମୃତ୍ୟୁ ଘଟିଥିଲା । ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ । ଖବର ପାଇ ଛତ୍ରପୁର ବ୍ଲକ୍ ଭାରପ୍ରାପ୍ତ ତହସିଲଦାର ସମ୍ବିତ ସଂଗ୍ରାମଜିତ ସାହୁ, ଏସଡିପିଓ ଚନ୍ଦନ ଘଡେଇ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥଲେ ।

## ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ

# ଶିଶୁ ଶ୍ରମିକଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ପାଇଁ ସରକାରଙ୍କ ଆଇନ ଗତ କାର୍ଯ୍ୟଧାରା ଉପରେ ଆଲୋକପାତ

**ବାଲେଶ୍ୱର, ନ୍ୟୁଜ**

ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଦ୍ୱାରା ଶିଶୁ ଶ୍ରମିକ ଉଚ୍ଛେଦ ପ୍ରକ୍ରିୟା ପାଇଁ ସଚେତନତା କାର୍ଯ୍ୟକ୍ରମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ.ମଧୁସ୍ମିତା ସାମନ୍ତରାୟ ପୌରହିତ୍ୟ କରିଥିବା ବେଳେ ଡି. ଏ. ଡି. ସି ଗୋପାଳ କୃଷ୍ଣ କର ଆବାହକ ଥିଲେ। ଏହି କାର୍ଯ୍ୟକ୍ରମରେ ଡି. ସି. ପି.ଓ ଶିଶୁ ଶ୍ରମିକ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ପାଇଁ ସରକାରଙ୍କ ଆଇନ ଗତ କାର୍ଯ୍ୟଧାରା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ୬ ବର୍ଷରୁ ୧୪ ବର୍ଷର ଶିଶୁ ଶ୍ରମିକ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ହୋଟେଲ, କଲ୍ୟାଣ ମଣ୍ଡପ, କୁଟୀର ଶିଳ୍ପ କେନ୍ଦ୍ର ଭଳି ଅସ୍ୱାସ୍ଥ୍ୟକର ପରିବେଶରେ କାର୍ଯ୍ୟରେ ନିୟୋଜନ କରାଯାଇଥିବାରୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଉଚ୍ଛେଦ କାର୍ଯ୍ୟକ୍ରମକୁ ତ୍ୱରାନିତ ପାଇଁ ବାଳ ନିରୋଧ ଆଇନ - ୧୯୮୬ କାର୍ଯ୍ୟକାରୀ ହେଉଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ବାଳ ଶ୍ରମିକ ମାନଙ୍କ ଅଭିଭାବକମାନଙ୍କୁ ପରାମର୍ଶ ଓ ଅର୍ଥନୈତିକ ସହାୟତା ସହିତ ୬ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ମୁକ୍ତ ଓ ବାଧ୍ୟତା ମୂଳକ ଶିକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ସରକାର ସ୍ତରରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବା, ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ଧାର, ଜରିମାନା ଏବଂ ଜେଲ ଦଣ୍ଡ କୁ କଡାକଡି କରାଯିବା ଉପରେ ବୈଠକରେ ସଚେତନତା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା ଶିକ୍ଷାଧିକାରୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ ନାବାଳକ ଗୁରୁତର

**ବେଲପଡ଼ା, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଜାମକୁରୀ ଗାଁର ୩ଜଣ ନାବାଳକ ଛାତ ଉପରେ ଖେଳୁଥିବା ସମୟରେ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି । ଗୁରୁତରମାନେ ହେଲେ କ୍ରିଷ୍ଣା ସାହୁ (୧୦) ପିଣ୍ଟୁ ସାଣ୍ଢ (୧୪) ଏବଂ କେଶବ ସାଣ୍ଢ । ଏମାନଙ୍କୁ ପ୍ରଥମେ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏମାନଙ୍କ ମଧ୍ୟରୁ କ୍ରିଷ୍ଣାର ଅବସ୍ଥା ଅତ୍ୟନ୍ତ ଗୁରୁତରଥିବାରୁ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ଡାକ୍ତର କହିଛନ୍ତି । ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଏଭଳି ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

# ଯୋଗ ଶାରୀରିକ, ମାନସିକ ଓ ଆଧାତ୍ମିକ ସାଧନା ପ୍ରତି ବିଶ୍ୱ ପରିଚୟ : ମନ୍ତ୍ରୀ

**ଛତ୍ରପୁର, ନ୍ୟୁଜ ବ୍ୟୁରୋ**

ଛତ୍ରପୁର ସ୍ଥିତ ପୋଲିସ ପ୍ୟାରେଡ ପଡିଆ ଠାରେ ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ବାଣିଜ୍ୟ, ପରିବହନ ଓ ଇସ୍ପାତ, ଖଣି ବିଭାଗୀୟ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପସ୍ଥିତ ବୁଦ୍ଧିଜୀବୀ, ଯୁବକ ଯୁବତୀମାନଙ୍କୁ ନିଜ ବକ୍ତବ୍ୟରେ ଯୋଗ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇ କହିଥିଲେ ଯେ, ଏହି ଦିନଟି କେବଳ ଏକ ଆନ୍ତର୍ଜାତୀୟ ଉତ୍ସବ ନୁହେଁ, ବରଂ ଏହା ହେଉଛି ଆମ ପାରମ୍ପରିକ ଶାରୀରିକ, ମାନସିକ ଓ ଆଧାତ୍ମିକ ସାଧନା ପ୍ରତି ଗୋଟିଏ ବିଶ୍ୱ ପରିଚୟ । ଯୋଗ ମହାନ ଭାରତୀୟ ଐତିହ୍ୟର ଏକ ଅମୂଲ୍ୟ ଦାନ, ଆଜି ଯାହା ସାରା ବିଶ୍ୱରେ ଲୋକମାନେ ଅନୁସରଣ କରୁଛନ୍ତି । ୨୦୧୪ ମସିହାରେ ଆମର ପ୍ରିୟ



ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଚେଷ୍ଟାରେ ସଂଯୁକ୍ତ ଜାତିସଂଘରେ ଯୋଗ ଦିବସ ପାଇଁ ପ୍ରସ୍ତାବ ରଖିଥିଲେ । ତାଙ୍କର ଦୃଢ ନେତୃତ୍ୱରେ ୧୯୪ ଗୋଟି ଦେଶ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ଓ ଜୁନ ୨୧ ତାରିଖକୁ "ଆନ୍ତର୍ଜାତୀୟ ଯୋଗ ଦିବସ" ଭାବେ ଘୋଷଣା କରଯାଇଥିଲା। ସେଠାରେ ରେକର୍ଡ ସଂଖ୍ୟକ ବିଶ୍ୱର ଅନ୍ୟ ଦେଶ ସହମତି ଜଣାଇଥିଲେ । ସେହଦିନଠାରୁ ସାରା ବିଶ୍ୱ ପାଳନ କରୁଛନ୍ତି ବିଶ୍ୱ ଯୋଗ ଦିବସ । ଏହା ଏକ ମହାନ୍ କାର୍ଯ୍ୟ, ଏଥି ସକାଶେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାରା ବିଶ୍ୱ ସମ୍ମାନର ସହ ଆଦର କରନ୍ତି । ଏଥିଯୋଗୁଁ ଆମେ ଗର୍ବ ଅନୁଭବ କରିବା କଥା । ଯୋଗ ଶବ୍ଦଟି ସଂସ୍କୃତ ଶବ୍ଦ 'ଯୁଜ୍'ରୁ ଆସିଛି, ଯାହାର ଅର୍ଥ ହେଉଛି 'ଏକତା' ବା 'ଯୁଗଳତା' । ଏହା ମନ, ଶରୀର ଓ ଆତ୍ମା ମଧ୍ୟରେ ସଂଯୋଗର ପ୍ରତୀକ । ଏହା କେବଳ ଶାରୀରିକ ବ୍ୟାୟାମ ନୁହେଁ : ବରଂ ଏହା ଜୀବନର ଏକ ସାମଗ୍ରିକ ପଦ୍ଧତି – ଯାହା ସହନଶୀଳତା, ଆନ୍ତରିକ ଶାନ୍ତି ଓ ସନ୍ତୁଳନକୁ ପ୍ରୋତ୍ସାହିତ କରେ । ଯୋଗ କେବଳ ଆସନ ଓ ବ୍ୟାୟାମ ନୁହେଁ, ଏହା ସରଳ ଜୀବନ ଯାପନର ଏକ ଶିକ୍ଷା, ଏକ ଅନୁଶାସନ ଓ ଏକ ଦୃଷ୍ଟିଭଙ୍ଗୀ । ଯେଉଁଠାରେ ଶରୀର, ମନ, ଏବଂ ଆତ୍ମାର ସମନ୍ୱୟ ଘଟେ— ତାହାକୁ ଯୋଗ କୁହାଯାଏ । ଯୋଗରେ ଅନେକ ଲାଭ ରହିଛି । ଶାରୀରିକ ଭାବରେ ଏହା ଶରୀରର କାର୍ଯ୍ୟ ଦକ୍ଷତା ଶକ୍ତି ବୃଦ୍ଧି କରିବା ସହ ସନ୍ତୁଳନ ରକ୍ଷା କରେ । ଏହା ସହିତ ଆତଙ୍କ, ଚିନ୍ତା ଓ ଉଦାସୀନତାକୁ କମ କରିବାରେ ସାହାଯ୍ୟ କରେ । ମାନସିକ ଭାବେ ଏହା ଜ୍ଞାନ, ଏକାଗ୍ରତା ଓ ଭାବନାତ୍ମକ ସ୍ଥିରତା ବୃଦ୍ଧି କରେ । ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ ଯୋଗ ଆମକୁ ଶାନ୍ତି ଓ ଶିଥିଳତା ଦେଇଥାଏ । ଯୋଗ ଏଭଳି ଏକ ମାର୍ଗ ଯାହା ମଣିଷକୁ ମଣିଷ ଭଳି ଚାଲିବା ମାର୍ଗ ଦେଖାଏ । କାରଣ ମଣିଷ ଭିତରେ ଥିବାପଶ ପ୍ରବୃତ୍ତି, କୁସଂସ୍କାର, କୁପ୍ରବୃତ୍ତିର ନିରାକରଣ କରେ। ଆମେ ଅତି ମାନବ ଓ ମହା ମାନବ ଦିଗକୁ ଗତି କରିବା । ସେଥି ନିମନ୍ତେ ଭଗବାନ ଆମକୁ ଜନ୍ମ ଦେଇଛନ୍ତି । ସବୁଠାରୁ ଆମେ ଉର୍ଦ୍ଧ୍ୱରେ, ଆମେ ହେଉଛୁ ମଣିଷ କର୍ମକୁ ମଣିଷ ଆଧାର କରି ମଣିଷ ଭଳି ବଞ୍ଚିବା ପାଇଁ ଯାହା ପ୍ରକୃଷ୍ଟ ମାର୍ଗ ଯୋଗ ଆମକୁ ସେସବୁ ଶିଖାଇ ଦିବ୍ୟତା ଆଡକୁ ଗତି କରିବାର ପଥ ପରିଷ୍କାର କରେ । ଚଳିତ ବର୍ଷର ବିଷୟବସ୍ତୁ ରଖାଯାଇଛି "ଏକ ପୃଥିବୀ,ଏକ ସ୍ୱାସ୍ଥ୍ୟ'' ଏହା ବିଶ୍ୱର ସମସ୍ତ ଜୀବଜଗତର ଏକତା ଓ ସ୍ୱାସ୍ଥ୍ୟ ଜନିତ ପୃଥିବୀର ଆବଶ୍ୟକତା ଉପରେ ଜୋର ଦେଇଥାଏ । ସୁସ୍ଥ ପୃଥିବୀ ବିନା ସୁସ୍ଥ ଲୋକ ସମୁଦାୟ ସମ୍ଭବ ନୁହେଁ। ଏହି ଯୋଗ ପ୍ରକ୍ରିୟାକୁ ସବୁଦିନ ଅଭ୍ୟାସ କରି ନିଜ ଜୀବନ ଚର୍ଯ୍ୟାରେ ଯୋଗକୁ ସାମିଲ କରିବାକୁ ଅନୁରୋଧ କରିଥିଲେ। ଯୋଗ ନିମନ୍ତେ କେବଳ ଆଜି ଦିନ ନୁହେଁ, ପ୍ରତିଦିନ ଅଳ୍ପ ସମୟ ଚାଲନ୍ତୁ । ଆମେ ସମସ୍ତେ ଏହି ଯୋଗ ଦିବସ ଅବସରରେ ନବ ସଙ୍କଳ୍ପ ନେବା— ନିଜ ଜୀବନରେ ଯୋଗକୁ ସ୍ଥାନ ଦେବା ଓ ଅନ୍ୟମାନଙ୍କୁ ମଧ୍ୟ ଏଥି ସକାଶେ ପ୍ରେରଣା ଯୋଗାଇବା। ଏହି ଯୋଗ କାର୍ଯ୍ୟକ୍ରମରେ ମାନ୍ୟବର ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ ସଂଗ୍ରାମଜିତ୍ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ପରିଚାଳନା କରିଥଲେ। ସୁନିତା ପାତ୍ର, କ୍ରୀଡାବିତ, ସନ୍ତୋଷ ପଲେଇ, କ୍ରୀଡାବିତ ପ୍ରଶିକ୍ଷକ ଦ୍ୱୟ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ" କାର୍ଯ୍ୟକ୍ରମ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏହାର ବ୍ରହ୍ମପୁର ସ୍ଥିତ କର୍ପୋରେଟ ଅଫିସ ସମେତ ଭଞ୍ଜନଗର, ଜୟପୁର, ଓ ରାୟଗଡ଼ା ଭଳି ସମସ୍ତ ସର୍କଲ ଅଫିସରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି । ଏହି ପଦକ୍ଷେପ ଯୋଗ ଦିବସର ଗ୍ଲୋବାଲ ଥିମ୍ - "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ"କୁ ନଜରରେ ରଖି କାର୍ଯ୍ୟକ୍ଷମ କରାଯାଇଛି । କର୍ମଚାରୀଙ୍କ ମଧ୍ୟରେ ସୁସ୍ଥତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ଯୋଗାଭ୍ୟାସ କରାଯାଇଛି। ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଏକାଗ୍ରତା ବୃଦ୍ଧି ଓ ସାମଗ୍ରିକ ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଆସନ ଓ ପ୍ରାଣାୟାମ ପଦ୍ଧତି ସାମିଲ ଥିଲା । ଉଭୟ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ଧ୍ୟାନ ରଖିବା ଦ୍ୱାରା କର୍ମଚାରୀମାନେ କିଭଳି ଏକ ଖୁସି ଓ ନିରାମୟ ଜୀବନ ଯାପନ କରିପାରିବେ ସେ ଦିଗରେ ଧ୍ୟାନ ଦିଆଯାଇଥିଲା । ଏହି ପଦକ୍ଷେପ ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧତାକୁ ଦର୍ଶାଉଛି । ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, 'କମ୍ପାନୀ କାର୍ଯ୍ୟରତ କର୍ମଚାରୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛି । ଯୋଗାଭ୍ୟାସ ଏକ ପ୍ରାଚୀନ ପଦ୍ଧତି ଯାହା ଉଭୟ ଶରୀର ଓ ମନକୁ ସୁସ୍ଥ ରଖେ । କର୍ମଚାରୀମାନଙ୍କୁ ଯୋଗାଭ୍ୟାସ କରିବାକୁ ଉତ୍ସାହିତ କରି ଆମେ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ କାର୍ଯ୍ୟକ୍ଷେତ୍ର ଓ ବ୍ୟକ୍ତିଗତ ଜୀବନର ସନ୍ତୁଳନ ଆଣିବାକୁ ପ୍ରୟାସ କରୁଛୁ ।ଆମେ ସେମାନଙ୍କ ସୁସ୍ଥତା ପ୍ରତି ପ୍ରତିବଦ୍ଧ ଓ ସମସ୍ତ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିପାରିଥିବାରୁ ଆନନ୍ଦିତ ।'

ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ମାଧ୍ୟମରେ କମ୍ପାନୀ ନିଜ କର୍ମଚାରୀମାନଙ୍କ ସୁସ୍ଥ ଜୀବନଶୈଳୀ ପ୍ରତି ନିବିଡ଼ ପ୍ରତିବଦ୍ଧତାକୁ ଦର୍ଶାଇବା ସହ ଏପରି କାର୍ଯ୍ୟକ୍ରମଗୁଡିକୁ ଭବିଷ୍ୟତରେ ମଧ୍ୟ ଜାରି ରଖିବାକୁ ଯୋଜନା କରୁଛି । ଯାହା ଏକ ସୁସ୍ଥ ଓ ସୁଖମୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବ।




## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୬।୨୦୨୫, ଆଷାଢ଼ ଦି୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୦୯।୧୯** **ଚନ୍ଦ୍ରୋଦୟ- ରାଘ ୩।୩।୦୬**

**ତ୍ରୟୋଦଶୀ-** ରାଘ ୧୦।୧୦ ପର୍ଯ୍ୟନ୍ତ । **କୃତିକାନକ୍ଷତ୍ର-** ଦିଘ ୩।୧୭ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୦।୧୦ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୪ ଗତେ ଘ ୧୦।୨୯ ମଧ୍ୟେ ରାଘ ୯।୧୮ ଗତେ ଘ ୧୦।୨୮ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଅନବସର ତ୍ରୟୋଦଶୀ, ଘଣାଲାଗି, ସାମନ୍ତ ଚନ୍ଦ୍ରଶେଖରଙ୍କ ତିରୋଧାନ ଦିବସ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚକତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ତନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେଁ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।





## ରମ୍ଭା ଅଞ୍ଚଳରେ ପ୍ରଶାସନ ନୀରବ:ମିଶନ ଶକ୍ତି ଗୃହ ଅଚଳ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାର ଲକ୍ଷ୍ୟପତି ଦିଦି ସୃଷ୍ଟି କରୁଛନ୍ତି କିନ୍ତୁ ମିଶନ ଶକ୍ତି ଗୃହ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣଧୀନ ଗୃହ ଆଜି ଅଚଳ ଓ ଭାଙ୍ଗି ରୁଜି ପଡ଼ିରହିଛି । ମା' ଭଉଣୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ବୈଠକ କରିବାକୁ ଚାହିଁଲେ ପରିତ୍ୟକ୍ତ ଗୃହର ଅବସ୍ଥା ଓ ବ୍ୟବସ୍ଥାକୁ ଦେଖି ଧିମେଇ ଯାଉଛନ୍ତି । ୧୩ ଗୋଟି ଓ୍ୱାର୍ଡର ଅନେକ ମିଶନ ଶକ୍ତି ଗୃହ ଅଚଳ ହୋଇ ପୁନରାୟ ଏକରୁ ଏକାଧିକ ଥର ମରାମତି ନାମରେ ପୁନଃରୁଦ୍ଧାର କରାଯାଇ ଫଲସ ବିଲ୍ ହୋଇଥିବା ତା ଖଟିରେ ଆଲୋଚନା ହୋଇଥିବା ଖବର ମିଳିଛି । ଅନେକ ଗୃହ ଭିତରୁ କୌଣସି ଗୋଟିଏ ଗୃହ ତାହାର ପୂର୍ବ ଅବସ୍ଥା ଫେରାଇ ଆଣିବା ନଜିର ନଥିବା ଲକ୍ଷ୍ୟ କରାଯାଇଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇ ତାହାର ରକ୍ଷଣା ବେକ୍ଷଣ ଉପରେ ଯଦି ଉଦାସୀନତା ଦେଖାଯାଏ, ଏ ଟଙ୍କା କାହାର ବୋଲି ସାଧାରଣରେ କୁହା କୁହି ହେଉଛନ୍ତି । କିନ୍ତୁ ପୂର୍ବ ସରକାରଙ୍କ କାର୍ଯ୍ୟକ୍ରମ ଗୁଡ଼ିକୁ କଲର ବୋଲି ଓ୍ୱରିକା ଦେଖାଇ ବାହସ୍କୋଟ ମାରିବା ସାଧାରଣରେ ଆଲୋଚନା ହେଉଛି । ମିଶନ ଶକ୍ତି ଗୃହ ଗୁଡିକ ଆଜି ଧର୍ମଶାଳା ହୋଇପାରିନାହିଁ କିନ୍ତୁ ଗୋରୁ ଗାଈଙ୍କ ପ୍ରାକୃତିକ ଦୁର୍ବିପାକ ସମୟରେ ଆତିଥେୟତା ନେବା ସହିତ ଗୁହାଳ ବନାଇ ଦେଇଥିବା ଫୋଟୋ ଚିତ୍ରରୁ ଉଲ୍ଲେଖ କରାଯାଇଛି ।

## ରାସ୍ତା କାମ ଅଧୁରା:ଜିଲ୍ଲାପାଳଙ୍କୁ ଭେଟିଲେ ୭ଟି ଗାଁର ଲୋକେ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**



ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଏ.ତୋଟାପଲ୍ଲୀ ଠାରୁ ଏସ.ପାଇକପଡା ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥା ବହୁଦିନ ଧରି ରହିଛି । ଯାହାଫଳରେ ୭ଟି ଗାଁ ବହୁତ୍ ହଇରାଣ ହେଉଛନ୍ତି । ତୋଟାପଲ୍ଲୀ, କୁଆଁପଲ୍ଲୀ, ନାରାୟଣପୁର, ହରିଆପାଲ୍ଲୀ, ସାନଆଗ୍ରାହାମ, ଶ୍ରୀରାମ ରାମଚନ୍ଦ୍ରପୁର ଓ ଏସ.ପାଇକପଡା ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ କେ. ରଘୁନାଥ ରେଡ୍ଡୀଙ୍କ ନେତୃତ୍ୱରେ ବୁଧବାର ଗଞ୍ଜାମ ଜିଲ୍ଲାପାଳଙ୍କୁ ୭ ଖଣ୍ଡ ଗ୍ରାମବାସୀଙ୍କ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଠିକାଦାରଙ୍କ କାର୍ଯ୍ୟ ବାତିଲ କରିବା ସହ ନୂତନ ଭାବେ ଟେଣ୍ଡର କରି ତୁରନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି । ଏ ସମ୍ପର୍କରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ମଧ୍ୟ ଭେଟି ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ମାନେ ଅନୁରୋଧ କରିଛନ୍ତି, ପୂର୍ତ୍ତ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଉକ୍ତ ରାସ୍ତା ୨୦୨୩ ମସିହା ଠାରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ହୋଇନାହିଁ । ପାଖାପାଖି ଦୀର୍ଘ ତିନି ବର୍ଷ ବିତିଯାଇଥିଲେ ସୁଦ୍ଧା ଏହି କାମ ସରିନି, ଟେଣ୍ଡର ହାତେଇଥିବା ଠିକାଦାର ତାର ରାସ୍ତା କାମ ସମ୍ପୂର୍ଣ୍ଣ କରିବା ତ ଦୂରର କଥା କାର୍ଯ୍ୟ ଆରମ୍ଭ କରି ଅଧପନ୍ତରିଆ ଅବସ୍ଥାରେ ଛାଡ଼ି ଚାଲି ଯାଇଥିବାରୁ ସେହି ଢେଲାପଥର ଉଠି ଖାଲ ଢ଼ିପ ହେବାଫଳରେ ଏହି ରାସ୍ତାଟି ମରଣଜନ୍ତା ପାଲଟିଛି । ଉକ୍ତ ରାସ୍ତାରେ ଗ୍ରାମବାସୀମାଙ୍କ ଯାତାୟାତରେ ଅସୁବିଧା ହେଉଛି । ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଏସଡ଼ିଓ ଏବଂ ଜେଇଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଏନ. ଦୁର୍ଯ୍ୟୋଧନ ରେଡି, ଜଗନ୍ନାଥ ପ୍ରଧାନ, ଶିବରାମ ପ୍ରଧାନ, ଅମର ବେହେରା, ସୂର୍ଯ୍ୟକାନ୍ତ ସେଠିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମଣ୍ଡିରୁ ଉଠୁନି ଧାନ:ବର୍ଷାରେ ଭିଜୁଛି



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ଦିନ ଦିନ ହେଲା ମଣ୍ଡିରେ ପଡିରହିଛି ଶହ ଶହ ବସ୍ତା ଧାନ । ମଣ୍ଡିରୁ ଧାନ ଉଠୁନଥିବା ବେଳେ ସେପଟେ ବର୍ଷାରେ ଭିଜି ଗଜା ହେଲାଣି ଚାଷୀଙ୍କ ଧାନ । ଏନେଇ ବାରମ୍ବାର ପେକ୍ସ କର୍ତ୍ତୃପକ୍ଷ ଏବଂ ପ୍ରଶାସନକୁ ଗୁହାରୀ କଲାପରେ ବି ଚାଷୀଙ୍କ ଦୁଃଖକୁ କେହି ବୁଝୁନଥିବାରୁ ଶେଷରେ କ୍ଷତିଗ୍ରସ୍ତ ଚାଷୀ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରାଓ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ମଣ୍ଡିରେ ଏବେ ଏଭଳି ଅବସ୍ଥା ହୋଇଥିବାବେଳେ ବିଭିନ୍ନ ମଣ୍ଡିର ଚାଷୀ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଘେରିବା ସହ ପାଟିତିଣ୍ଡ କରିଥିଲେ । ପରିସ୍ଥିତି ଦୃଷ୍ଟିରେ ରଖି ପୋଲିସ ମଧ୍ୟ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲା । ତୁରନ୍ତ ମଣ୍ଡିମାନଙ୍କରେ ପଡିଥିବା ଧାନକୁ ନ ଉଠେଇଲେ ଚାଷୀମାନେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି । ସେପଟେ ଆସନ୍ତା ୩୦ ତାରିଖ ସୁଦ୍ଧା ଚାଷୀଙ୍କ ଧାନ ଉଠାଯିବା ନେଇ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଛାଡିଥିବା ଦେଖିବାକୁ ମିଳିଥିଲା ।



## ସଚେତନ କଲା ବିକାଶ ବାହନ ରଥ

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ପଣ୍ଡରିଯୋର ପଞ୍ଚାୟତ ପରିସରରେ ଶୁକ୍ରବାର ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ରଥକୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଏଲଇଡ଼ି ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା । ଆୟୋଜିତ ସଭାରେ ସରପଞ୍ଚ ସୁଶୀଳା ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଥୀ ସାହୁ, ସମ୍ମାନିତ ଅତିଥି ଭାବେ ଯୋଗାଣ ଅଧିକାରୀ ଦୁର୍ଗା ପ୍ରସାଦ ରଥ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବିଦ୍ୟୁତ ପ୍ରଭା ନାଗ, ପିଇଓ ଅନୁରାଧା ସାହୁ, ଏଡ଼ିଇଓ ନୟନା କାଣ୍ଡ, ଜିଆର୍‌ଏସ୍ ଅନିଲ ତାଣ୍ଡି, ଯୋଗାଣ ସହାୟକ ନାରାୟଣ ସୁଏଡ଼, ସମାଜ ସେବୀ ଗିରିଧାରୀ ମେହେର, ସାମାଜିକ ସୁରକ୍ଷା ଅଧିକାରୀ ଅଭିଜିତ ସେଠ, ସ୍ୱାସ୍ଥ୍ୟ ବିଭାଗ, ଅଙ୍ଗନବାଡ଼ି ଓ ଆଶାକର୍ମୀ, ଏମବିକେ, ସିଆରପି ଏବଂ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସମେତ ପୁରୁଷ, ମହିଳା ଯୋଗଦାନ କରିଥିଲେ । ଏହି ଅବସରରେ ୯ ଜଣଙ୍କୁ ରାସନ କାର୍ଡ, ୧୧ ଜଣ ବିଧବା ମହିଳାଙ୍କୁ ବର୍ଦ୍ଧିତ ପେନସନ, ୧୫ ଜଣଙ୍କୁ ଗୃହ କାର୍ଯ୍ୟାଦେଶ, ୫ ଜଣଙ୍କୁ ଜବ୍ କାର୍ଡ ଆଦି ପ୍ରଦାନ କରାଯାଇଥିଲା ।

## ବ୍ରହ୍ମପୁର ଓ ଗଞ୍ଜାମ ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲ୍ଲାରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି । ମହିଳାଙ୍କ ଠାରୁ ଲୁଟ୍, ହତ୍ୟା ଉଦ୍ୟମ ଓ ନାରୀ ନିର୍ଯ୍ୟାତନା ଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ଡବଲ୍ ଇଞ୍ଜିନ୍ ସରକାର ଅମଳରେ ନାରୀ ନିର୍ଯ୍ୟାତନାରେ ଶୀର୍ଷ ସ୍ଥାନ ଅଧିକାର କରିଛି ଓଡ଼ିଶା । ବଢ଼ିଛି ଦୁଷ୍କର୍ମ ଭଳି ସମ୍ବେଦନଶୀଳ ଘଟଣା । ଯାହାକୁ ନେଇ ନିଜକୁ ଅସୁରକ୍ଷିତ ମଣୁଛନ୍ତି ନାରୀ । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ଆରମ୍ଭ କରି ଆଦିବାସୀ ଅଧ୍ୟୁଷିତ ଚିତ୍ରକୋଣ୍ଡା ନିର୍ବାଚୀନ ମଣ୍ଡଳୀରେ ଆବାସ ସ୍କୁଲରେ ଗର୍ଭବତୀ ହେଉଛନ୍ତି ନାବାଳିକା । ଦଶମ ପରୀକ୍ଷା ଦେବା ବେଳେ ବି ଛୁଆ ଜନ୍ମ କରୁଛି ନାବାଳିକା । ବିଜେପି ସରକାର ସମୟରେ ମହିଳା ଅସୁରକ୍ଷିତ ବୋଲି ଅଭିଯୋଗ କରି ବିଧାନସଭାରେ ଧାରଣା ସହ ପ୍ରତିବାଦ କରିଛି କଂଗ୍ରେସ । ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ବିଗିଡ଼ିବାରେ ଲାଗିଛି ଆଇନ୍ ଶୃଙ୍ଖଳା । ସହରରେ ଏପରିକି ଗ୍ରାମାଞ୍ଚଳରେ ମଧ୍ୟ ମହିଳା ଅସୁରକ୍ଷିତ । ଗତ ଦୁଇ ସପ୍ତାହରେ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ୪ଟି ହତ୍ୟାକାଣ୍ଡ ଘଟିଛି । ସେହିପରି ଦୁଷ୍କର୍ମ ଓ ଭାଇଗିରି ଘଟଣା ସାମ୍ନାକୁ ଆସିବା ପରେ ଲୋକଙ୍କ ଚିନ୍ତା ବଢ଼ିଯାଇଛି । ସେହିପରି ଗୋପାଳପୁର ବିଧାୟକ ତଥା ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିଜ ନିର୍ବାଚନ ମଣ୍ଡଳୀର କଥା ନକହିବା ବରଂ ଭଲ । ଗୋଳନ୍ଥରା ଥାନା ହେଉ କି ଗୋପାଳପୁର ଥାନା ଅଞ୍ଚଳରେ ମହିଳାଙ୍କୁ ଆକ୍ରମଣ, ଲୁଟ୍, ନିର୍ଯ୍ୟାତନା ଓ ନାବାଳିକାକୁ ଗଣଦୁଷ୍କର୍ମ ଭଳି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି । ମନ୍ତ୍ରୀଙ୍କ ନିଜ ଗାଁ ଅର୍ଥାତ୍ ଗୋଳନ୍ଥରା ସ୍ଥିତ ଡାକଘରେ ମହିଳା ଅଧିକାରୀଙ୍କୁ ଦୁର୍ବ୍ୟବହାର ସହ ଅନ୍ୟ କର୍ମଚାରୀଙ୍କୁ ଆକ୍ରମଣ ଭଳି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଚନା ସୃଷ୍ଟି କରିଥିଲା । ଗୋଳନ୍ଥରା ଗ୍ରାମର ଡାକ ଘରେ ପୋଷ୍ଟ ମାଷ୍ଟର ଅର୍ଚ୍ଚନା କୁମାରୀ ପାତ୍ର ଓ ଅନ୍ୟ କର୍ମଚାରୀଙ୍କୁ ଗତ ମାର୍ଚ୍ଚ ୨୪ ତାରିଖ ଅପରାହ୍ନ ୫ଟାରେ ୪ ଜଣ ଯୁବକ ଆସି ଗାଳିଗୁଲଜ କରି ଧମକ ଦେଇ ଚାଲିଯାଇଥିଲେ । ପୁଣି କିଛି ସମୟ ପରେ ଚଟିରେ ୪ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଡାକଘର ସମ୍ମୁଖରେ ରବୀନ୍ଦ୍ର ନାହାକ ଓ ବିକ୍ରମ ନାହାକଙ୍କୁ ଆକ୍ରମର କରିଥିଲେ । ଆକ୍ରମଣରେ ଉଭୟେ ଆହତ ହୋଇଥିଲେ । ଯୁବକମାନେ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ । ଏନେଇ ପୋଷ୍ଟ ମାଷ୍ଟର ଅର୍ଚ୍ଚନା କୁମାରୀ ପାତ୍ର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ମାମଲାରେ ପୋଲିସ ଚଟି ନୂଆସାହିର ମିଥୁନ୍ ଗୌଡ଼କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର୍ ଅଛନ୍ତି ।

## କ୍ୟାନ୍ସର ରୋଗୀଙ୍କ ଚିକିତ୍ସାରେ ବାଧକ ସାଜିଛି ଆୟୁଷ୍ମାନ କାର୍ଡ



**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ବିଶାଖା ପାଟଣା ଏକ ମେଡ଼ିକାଲ୍ କ୍ୟାନ୍ସର ପୀଡ଼ିତାଙ୍କ ଚିକିତ୍ସାରେ ବାଧକ ସାଜିଛି ଆୟୁଷ୍ମାନ କାର୍ଡ । ଜୀବନର ଯୁଦ୍ଧ କରୁଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଜୀବନ ବଞ୍ଚାଇଥିଲା ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା । ତେବେ ନୂତନ ସରକାରଙ୍କ ଦ୍ୱାରା ବିଏସକେୱାଇ କାର୍ଡ ବନ୍ଦ କରି ନୂତନ ଆୟୁଷ୍ମାନ୍ କାର୍ଡ ପ୍ରଚଳିତ ହୋଇଥିବା ବେଳେ ବର୍ତ୍ତମାନ ଅଧା ଚିକିତ୍ସାରେ ଦେଖାଦେଇଛି ବାଧକ । ସୂଚିତ ଯେ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର କୁଲାବିର ଗ୍ରାମ ପଞ୍ଚାୟତ ସଦର ଗ୍ରାମ ବୁଦୁରାମ ଡଙ୍ଗାୟତଙ୍କ ଝିଅ ପ୍ରିୟଙ୍କା କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଜୀବନ ସହ ଯୁଦ୍ଧ କରୁଛନ୍ତି । ବୁଦୁରାମ ଜଣେ ଗରିବ ଶ୍ରେଣୀର ଦୁଧ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ନୂଆରେ ବିବାହିତ ଝିଅର କ୍ୟାନ୍ସର ରୋଗ ନେଇ ପରିବାର ସଂପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ବିବାହର କିଛିଟା ମାସ ପରେ ଝିଅକୁ ପେଟ ବ୍ୟଥା ହେବା ନେଇ ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ତାଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତରିତ କରିଥିଲେ । ସେଠାରେ ପରୀକ୍ଷା ନିରୀକ୍ଷା କରିବା ପରେ ଝିଅକୁ କ୍ୟାନ୍ସର ହୋଇଥିବା କଥା ଶୁଣି ପିତାମାତା ମୁଣ୍ଡରେ ହାତ ଦେଇ ଋଣ ବାଡ଼ି କରଜ କରି ମେଡିକାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେହି ସମୟରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡ ପାଇଁ ପ୍ରଥମ ଅପରେସନ୍ ପାରି ହୋଇଥିବା ବେଳେ ବର୍ତ୍ତମାନ ନୂତନ ସରକାରଙ୍କ ଦ୍ୱାରା ବିଏସକେୱାଇ କାର୍ଡ ବନ୍ଦ ପରେ ମେଡିକାଲ୍ କର୍ତ୍ତୃପକ୍ଷ ପୁରୁଣା ସ୍ୱାସ୍ଥ୍ୟ କାର୍ଡ ଆଉ ବୈଧ ନୁହେଁ ବୋଲି କହିବା ପରେ ପରିବାର ଲୋକଙ୍କୁ ଝିଅର ଚିକିତ୍ସା ଚିନ୍ତା ବଢ଼ାଇ ଦେଇଛି । ସେପଟେ ପୁରୁଣା କାର୍ଡ ବନ୍ଦ ହେବା ପରେ ଅନେକରୁ ଅଧିକାଂଶ ପରିବାରଙ୍କୁ ନୂତନ ଆୟୁଷ୍ମାନ୍ କାର୍ଡ ମିଳିନଥିବା ବେଳେ ପୀଡ଼ିତାଙ୍କ ଜୀବନ ବଞ୍ଚାଇବା ପାଇଁ ଗରିବ ବୁଦୁରାମ ମୁଣ୍ଡରେ ହାତଦେଇ ବସିଛନ୍ତି । ତେବେ ଯେଉଁ ପରିବାର ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ପଡ଼ି କାର୍ଡ ପାଇଛନ୍ତି ସମସ୍ତେ ନୂତନ ସ୍ୱାସ୍ଥ୍ୟ କାର୍ଡ ଆୟୁଷ୍ମାନ ଅନ୍ତ ପ୍ରଚଳିତ ବ୍ୟବସ୍ଥା ନେଇ ହିନସ୍ତା ଭୋଗୁଥିବା ଦେଖିବାକୁ ମିଳିଛି । ତେବେ ଜୀବନ ଶହ ସଂଗ୍ରାମ କରୁଥିବା ଗରିବ ବୁଦୁରାମଙ୍କ ଝିଅର ଜୀବନ ବଞ୍ଚାଇବାକୁ ସରକାର ନୂତନ ଆୟୁଷ୍ମାନ କାର୍ଡ ପାଇବା ବ୍ୟବସ୍ଥା କଲେ ଗରିବ ବୁଦୁରାମଙ୍କ ଝିଅର ଚିକିତ୍ସା ସୁନିଶ୍ଚିତ ହୋଇପାରିବ ବୋଲି ଦାବି କରିଛନ୍ତି କୋରାପୁଟ ଜିଲ୍ଲା ପୂର୍ବତନ ଏସ.ଡି.ସି.ଉପାଧକ୍ଷା ଲକ୍ଷ୍ମୀ ।




## ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା

**କଟକ, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଯେକୌଣସି ସମୟରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଉଚିତ୍ ସମୟରେ କ୍ଷତିଗ୍ରସ୍ତ ଆଶଙ୍କା ଥିବା ଲୋକଙ୍କୁ ଓ ଗୃହ ପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାକୁ ଜିଲ୍ଲାପାଳ ଭାଉସାହେବ ଶିନ୍ଦେ ଗୁରୁତ୍ୱାରୋପ କରିଛନ୍ତି । ସମସ୍ତ ବିଭାଗ ସମନ୍ୱୟ ରକ୍ଷାପୂର୍ବକ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ସମୟର ପ୍ରସ୍ତୁତି ସଂପର୍କିତ ପ୍ଲାନ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ସଂପର୍କରେ ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ବିଭାଗ, କୃଷି ଓ ଉଦ୍ୟାନ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ, ମତ୍ସ୍ୟ ବିଭାଗ, ଜିଲ୍ଲା ସମାଜ ମଙ୍ଗଳ, ଜିଲ୍ଲା ସାମାଜିକ ସୁରକ୍ଷା, ପରିବହନ ବିଭାଗ, ବେସାମରିକ ଯୋଗାଣ ବିଭାଗ ଆର୍‌ଏମ୍‌ସି. ଏବଂ ଓଡ୍ରାଫ୍ ଟିମ୍‌ର କର୍ମକର୍ତ୍ତାମାନେ ପ୍ରସ୍ତୁତି ସଂପର୍କରେ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ସାଧାରଣ ପରିଚାଳକ ଓଏସଡମା ସୁନୀଲ କୁମାର ସାହୁ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପନିରୀକ୍ଷକ ଓଡ୍ରାଫ୍ଟ ପ୍ରମୋଦ କୁମାର ପ୍ରଧାନ, ଡେପୁଟୀ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ଦାସଙ୍କ ସମେତ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ ।

## ସୁବର୍ଣ୍ଣପୁର ଜିଲ୍ଲାରେ ଫେଲ୍ ମାରିଛି ସ୍ୱଚ୍ଛ ଭାରତ ମିଶନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ ଅଧିନରେ ପାଇଖାନା ନିର୍ମାଣ ଯୋଜନା ସୁବର୍ଣ୍ଣପୁର ଜିଲ୍ଲାରେ ଦିଗହରା ହୋଇଯାଇଛି । ଏନେଇ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରୁଥିବା ବେଳେ ସ୍ୱଚ୍ଛ ଭାରତ ପାଇଖାନା ଯୋଜନା ବିଫଳ ହୋଇଥିବା ଜଣାପଡିଛି । ସୁବର୍ଣ୍ଣପୁର ଜିଲ୍ଲାରେ ୧୦୯ଟି ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନରେ ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ହେଉଛି । ଏଥିରେ ଜଡିତ ପଞ୍ଚାୟତ ଅଧିକାରୀ, ବ୍ଲକ ଅଧିକାରୀ ଏବଂ କାର୍ଯ୍ୟପରିଚାଳନା କ୍ଷେତ୍ରରେ ଦାୟିତ୍ୱ ଥିବା ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ବିଭିନ୍ନ ସମୟରେ ବ୍ଲକ ପକ୍ଷରୁ ପ୍ରତ୍ୟେକ ପରିବାରକୁ ଘରୋଇ ପାଇଖାନା ନିର୍ମାଣ କରିବା ପାଇଁ ସଚେତନତା କରାଯାଉଥିବା କୁହାଯାଉଛି । ଏଥିସହିତ ସୁବର୍ଣ୍ଣପୁର ଜିଲ୍ଲାରେ ଖୋଲା ଶୌଚମୁକ୍ତ ଅଞ୍ଚଳ ଭାବେ ମଧ୍ୟ ଘୋଷିତ କରାଯାଉଛି । କିନ୍ତୁ ମୁଖ୍ୟ ରାସ୍ତା କଡକୁ ଗଲେ ଲୋକେ ଅପରିଷ୍କାର କରିବାର ଯେଉଁ ଅଭ୍ୟାସ ତାହା ପରିବର୍ତ୍ତନ ହେଉନି । ଘରୋଇ ପାଇଖାନା ଓ ପରିମଳ ସେବା ସମ୍ପର୍କରେ ସଚେତନତା କରାନଯାଇ ବ୍ଲକରେ କାଗଜ କଲମରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି । ଏଥିଯୋଗୁଁ ଲୋକେ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ ହୋଇପାରୁନାହାଁନ୍ତି । ଅନେକ ଆବେଦନକାରୀ ତଥା ଇଚ୍ଛୁକ ବ୍ୟକ୍ତିମାନେ ପାଇଖାନା ନିର୍ମାଣ ପାଇଁ ଦରଖାସ୍ତ କରି ବ୍ଲକକୁ ଦୌଡି ଦୌଡି ନୟାନ୍ତ ହେବା ପରେ ବାଧ ହୋଇ ରାସ୍ତା କଡ ଅପରିଷ୍କାର କରୁଛନ୍ତି । ବିଶେଷକରି ଡୁଙ୍ଗୁରିପାଲି, ବିନିକା, ଉଲୁଣ୍ଡା, ତରଭା ବ୍ଲକରେ ସ୍ୱଚ୍ଛ ଭାରତ ମିଶନ, ଗ୍ରାମ୍ୟ ପାନୀୟ ଜଳ ଯୋଜନା, ମନରେଗା ପ୍ରଭୃତି କାର୍ଯ୍ୟକାରିତାରେ ମନ୍ଥରତା ପରିଲକ୍ଷିତ ହେଉଥିବା ଜଣାପଡୁଛି । କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କୋଟି କୋଟି ଟଙ୍କା ପ୍ରଦାନ କରୁଛନ୍ତି । ଏହି ଅନୁଦାନ ଅର୍ଥରେ ପାଇଖାନା ନିର୍ମାଣ ହେଉଛି । କିନ୍ତୁ ସଚେତନତା ଅଭାବରୁ ହେଉ କିମ୍ବା ପାଇଖାନା ଗୁଡିକ ନିମ୍ନମାନର ନିର୍ମାଣ କାରଣରୁ ହେଉ ଗ୍ରାମାଞ୍ଚଳର ଅନେକ ପାଇଖାନା ଅବ୍ୟବହୃତ ହୋଇ ରହିଥିବା କାରଣରୁ ଯୋଜନାଟି ମୂଳଲକ୍ଷ୍ୟ ଠାରୁ ଦୂରେଇ ଯାଉଛି । କେତେକ ସ୍ଥାନରେ ନିମ୍ନମାନର ଟାଙ୍କି ଭାଙ୍ଗିରୁଜି ଗଲାଣି ତ ଆଉ କେତେକ ସ୍ଥାନରେ ଏଗୁଡିକ ବ୍ୟବହାର ଅନୁପଯୋଗୀ ହୋଇପଡିଛି । ନିର୍ମାଣ କରାଯାଇଥିବା ପାଇଖାନା ଗୁଡିକ ମଧ୍ୟରେ ଅଧାରୁ ଅଧିକ ଅନୁପଯୋଗୀ ହୋଇ ପଡିରହିଥିବା ବେଳେ ଶୌଚ ପାଇଁ ପାଣିର ଅଭାବ ଏହାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି । ଘରୋଇ ପାଇଖାନା ଗୁଡିକ ନିମ୍ନମାନର ହୋଇଥିବା କାରଣରୁ କେତେକ ସ୍ଥାନରେ ବର୍ଷେ ନପୁରୁଣୁ ଏଗୁଡିକ ଭାଙ୍ଗିରୁଜି ଗଲାଣି । ଏଥିସହ କେତେକ ସ୍ଥାନରେ ନିମ୍ନମାନର ଛାଉଣି ଓ କବାଟ ଯୋଗୁଁ ପାଇଖାନା ବ୍ୟବହାର ଅନୁପଯୋଗୀ ହୋଇ ରହିଛି । ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ସହ ବିଭାଗୀୟ ଯନ୍ତ୍ରୀଙ୍କ ସଠିକ ତଦାରଖ ଅଭାବରୁ ବିଭିନ୍ନ ବ୍ଲକ ଅଞ୍ଚଳରେ ଅନେକ ପାଇଖାନାରେ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ବିଭିନ୍ନ ବ୍ଲକରେ ଏଭଳି ଅନେକ ଲକ୍ଷ୍ୟହୀନ ପାଇଖାନା ଅବ୍ୟବହୃତ ହୋଇ ରହିଥିବା ବେଳେ ହିତାଧିକାରୀ ମାନେ ପାଇଖାନାକୁ କିପରି ବ୍ୟବହାର କରିବେ ସେଥିପାଇଁ ବ୍ଲକ ପ୍ରଶାସନ ସଚେତନତା ସୃଷ୍ଟି କରିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣା

## ନିରପେକ୍ଷ ତଦନ୍ତ ଓ କଠୋର ଦଣ୍ଡବିଧାନ ଦାବି କଲା କଂଗ୍ରେସ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**




ଆଦିବାସୀ ନାବାଳିକାକୁ ଗଣ ଦୁଷ୍କର୍ମ ଓ ହତ୍ୟା ଖବର କେନ୍ଦୁଝର ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି । ୧୬ ତାରିଖ ରାତିରେ ଝିଅକୁ ଘରୁ ଡାକି ନେଇ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ପଣ୍ଡାପଡ଼ା ଥାନାରେ ଲିଖିତ ଏତଲା ଦିଆଯାଇଛି । ସୂଚନା ଯୋଗ୍ୟ କି ପଣ୍ଡାପଡା ଥାନା ଅନ୍ତର୍ଗତ ତେନ୍ତଲାପଶି ଗ୍ରାମର ଏହି ଝିଅ ମମତା ନାଏକ (୧୬) ଯେ ଯୁକ୍ତ ଦୁଇର ଛାତ୍ରୀ । ସେ ପରିବାରର ତୃତୀୟ ଝିଅ ରଜ ପର୍ବ ଲାଗି ଅତି ଖୁସି ଥିଲା । ସେଦିନ ସନ୍ଧ୍ୟାରେ ଘର ପାଖକୁ ଶୌଚ ହେବ କହି ଯାଇଥିଲା ହେଲେ ଡେରି ହେବାରୁ ଘରେ କଲ୍ କରିବାରୁ ଯାଉଛି କହିଥିଲା । ଏହାପରେ ଆଉ ଫୋନ୍ ଲାଗି ନଥିଲା । ଘରେ ଖୋଜି ତାକୁ ଆଉ ପାଇନଥିଲେ ତେବେ ସକାଳୁ ଅନ୍ୟ ଜଣେ ଭଉଣୀ ଉଠି ବାରିପଟେ ଗଲାବେଳେ ମମତା ଏକ ସଜନା ଗଛରେ ଝୁଲୁଥିବା ଦେଖି ଘରେ କହିଥିଲା । ଏହି ଘଟଣା ପ୍ରଘଟ ହେବାରୁ ଗାଁ ଲୋକେ ଧାଇଁ ଆସି ଦେଖିଲେ କି ଝିଅ ପାଦ ତଳେ ଲାଗିଛି ପାଦରେ ରକ୍ତ ବୋହି ଲାଗିଛି ତେଣୁ ଏହା ହତ୍ୟା ଓ ଦୁଷ୍କର୍ମ ବୋଲି ପ୍ରଚାର ହେଲା । ଝିଅ କିଛି ଦିନ ଆଗରୁ ନିକଟସ୍ଥ ବଡ କମଣ୍ଡରା ଗ୍ରାମର ସାଗର ନାଏକ ସହ ଫୋନ୍‌ରେ କଥା ହେଉଥିବାରୁ ସେହି ପିଲା ଓ ତାହାର ସାଙ୍ଗଙ୍କ ଉପରେ ଏକାଣ୍ଡ ଲାଗି ସନ୍ଦେହ ହେଲା । ତେବେ ସମସ୍ତ ଅପରାଧୀଙ୍କୁ ତୁରନ୍ତ ଧରିବାକୁ ସମସ୍ତେ ଦାବି କରି ରାସ୍ତାରୋକ କରି ପ୍ରତିବାଦ କରିଥିଲେ । ତେବେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଝିଅର ଶବ ବ୍ୟବଚ୍ଛେଦ ହୋଇଥିଲା । ଏହି ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଥିବାରୁ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ାଙ୍କ ନେତୃତ୍ୱରେ ଏକ କଂଗ୍ରେସ ଟିମ୍ ତେନ୍ତଲାପଶି ଗ୍ରାମକୁ ଯାଇ ପୀଡ଼ିତା ପରିବାର ଓ ଗ୍ରାମବାସୀଙ୍କୁ ଭେଟି ଥିଲେ । ଏହି ଦଳରେ ରାଜ୍ୟ କଂଗ୍ରେସ ଆଦିବାସୀ ମୋର୍ଚ୍ଚା ସଭାପତି ଯଶୋବନ୍ତ ନାରାୟଣ ସିଂହ ଲାଗୁରି, ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ ଆଦି ଯାଇଥିଲେ । ସେଠାରେ ସେମାନେ ଜିଲ୍ଲା ଏସ୍‌ପିଙ୍କୁ ଭେଟିଥିଲେ । ତେଣୁ ସନ୍ଧ୍ୟାରେ କଂଗ୍ରେସ ଭବନରେ ଏକ ପ୍ରେସ୍ ମିଟ୍ କରିଥିଲେ । ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ପରିଡ଼ା କହିଥିଲେ କି କଂଗ୍ରେସ ପ୍ରତିନିଧି ଦଳ ଘଟଣାସ୍ଥଳ ଯାଇ ସ୍ତମ୍ଭୀଭୂତ ହେଲେ । ଅତି ଗରିବ ପରିବାରର ଝିଅକୁ ଏପରି ନିର୍ମମ ଭାବେ ହତ୍ୟା କରି ଗଣ ଦୁଷ୍କର୍ମ କରାଯାଇଛି ଯାହା ଘୋର ନିନ୍ଦନୀୟ । ଏହି ହତ୍ୟାକାରୀ ପିଲାମାନେ ସରକାରୀ ଦଳରେ ମାତି ପାଖ ଛକରେ ମେଳି କରନ୍ତି ଲୋକେ କହିଲେ । ଗୋଟେ ନାବାଳିକା ଝିଅକୁ ଘର ପାଖରୁ ଅଧ କିଲୋମିଟର ଦୂର ନେଇ ରାତିରେ ମିଶି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଦୂରରେ ଗୋଟେ ପଟି ସହ ସେ ପିଲାଙ୍କ ପିନ୍ଧା ବସ୍ତ୍ର ପଡ଼ି ରହିଛି । ତେଣୁ ଏହି ସମସ୍ତ ଦୋଷୀଙ୍କୁ ଧରିବାକୁ ସେ ଦାବି କରିଛନ୍ତି । ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଶ୍ରୀ ଲାଗୁରି କହିଥିଲେ କି ପୋଲିସ ସମ୍ପୂର୍ଣ୍ଣ ଚାପ ରହିତ ଭାବେ ଏହାର ତଦନ୍ତ କରୁ । ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ଏହି ଗୁରୁତର କଥା ନେଇ ମୁହଁ ଖୋଲିବାକୁ ସେ ଦାବି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଆସି ଏହି ଗରିବ ପରିବାରକୁ ଭେଟ କରିବାକୁ ସେ ଆହ୍ୱାନ ଦେଇ ପୀଡ଼ିତା ପରିବାରକୁ ଦଶ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ସହାୟତା ଦେବାକୁ ଦାବି ମଧ୍ୟ ରଖିଛନ୍ତି । ସେହିପରି ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସଂଗୀତା ସିଂହ ଏହି ପରିବାର ଅତି ଗରିବ ତେଣୁ ଆବାସ ଘର ସହ ମାତ୍ର ପଚାଶ ଲକ୍ଷ ଟଙ୍କା ଦେବାକୁ କହିଛନ୍ତି । ସେହିପରି ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଏହି ଝିଅକୁ ନ୍ୟାୟ ନମିଳିଲେ କଂଗ୍ରେସ ରାଜରାସ୍ତାରେ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସମ୍ପାଦକ ସଂଗ୍ରାମ ଦାସ ଉପସ୍ଥିତ ରହି ଏହାର ପରିଚାଳନା କରିଥିଲେ । ଏଥିରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ସହାୟତା କରିଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟର ସୁ ପରିଚାଳନା ନିମନ୍ତେ ଜିଲ୍ଲା ସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ୍



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ଜିଲ୍ଲା ସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ସମ୍ବିତ୍ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା । ଏଥିପ୍ରତି ସତର୍କ ହେବାସହ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଆବଶ୍ୟକୀୟ ସୁବିଧା ଓ ସୁଯୋଗ ଏବଂ ନୂତନ ଉପକରଣର ବ୍ୟବହାର ଜିଲ୍ଲାକୁ ମଜବୁତ୍ କରିପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ଟେବୁଲ ଟପ୍ ଏକ୍ସରସାଇଜ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ୧୯ ତାରିଖରେ ଜିଲ୍ଲାରେ ଥିବା ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା । ଏହି ମକ୍ ଡ୍ରିଲରେ ବାତ୍ୟା ଆଶ୍ରୟସ୍ଥଳୀର ସମସ୍ତ ସଦସ୍ୟ, ପରିଚାଳନା କମିଟି, ସ୍ଥାନୀୟ ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ । ଆଶ୍ରୟସ୍ଥଳୀରେ ଥିବା ଜେନେରେଟର, ଆସ୍କା ଲାଇଟ୍, ପାୱାର କଟର, ପାନୀୟଜଳ, ଶୌଚାଳୟ, ମହିଳାମାନଙ୍କ ପାଇଁ ସୁବିଧାସୁଯୋଗ ଆଦି ଠିକ୍ ଅଛି କି ନାହିଁ ଏବେଠାରୁ ଧ୍ୟାନରେ ରଖି ତାହାର ମରାମତି, ପରିଚାଳନା ଆଦି ଉପରେ ଆଲୋକପାତ କରାଯାଇଥିଲା । ବର୍ତ୍ତମାନ ଆଶ୍ରୟ ସ୍ଥଳ ଗୁଡିକର ଅବସ୍ଥା ଏବଂ ଆବଶ୍ୟକ ଥିବା ସୁବିଧା ଗୁଡିକର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ସଦସ୍ୟ ମାନଙ୍କୁ କୁହାଯାଇଥିଲା । ଏହି ବୈଠକରେ ଯୋଗଦେଇ ଓସଡମାର ଜି.ଏମ୍ ଧରଣୀ ଧର ପ୍ରଧାନ କହିଲେ ବିପର୍ଯ୍ୟୟ ପାଇଁ ଆମେ ପ୍ରାଥମିକ ସ୍ତରରେ ସଜାଗ ରହିବା । ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆନ୍ତଃ ବିଭାଗୀୟ ସମନ୍ୱୟ ଓ ସହଯୋଗର ଆବଶ୍ୟକତା ରହିଛି । ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜର ପ୍ରସ୍ତୁତି ବିଷୟରେ କହିଥିଲେ । ଜିଲ୍ଲା ଆପାତକାଳୀନ ଅଧିକାରୀ ସୁଶ୍ରୀ ଅନିଶା ଦାସ ସଭା ପରିଚାଳନା କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଯେଉଁ ବିଭାଗକୁ ଯାହା ସାହାଯ୍ୟ ଆବଶ୍ୟକ ପ୍ରଶାସନକୁ ଅବଗତ କରାଇବା ପାଇଁ କହିଥିଲେ ଏବଂ ବିପର୍ଯ୍ୟୟ ମୁକାବିଲା ପାଇଁ ଆମେ ପ୍ରସ୍ତୁତ ରହିବାକୁ ଉପଦେଶ ଦେଇଥିଲେ । ଏହି ବୈଠକରେ ପୌରପରିଷଦ, ସ୍ୱାସ୍ଥ୍ୟ, ଶିକ୍ଷା, ଅଗ୍ନିଶମ, ଟିପିସିଓଡିଏଲ୍, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ସାମାଜିକ ସୁରକ୍ଷା, କୃଷି, ମତ୍ସ୍ୟ ବିଭାଗ, ପ୍ରାଣୀ ସମ୍ପଦର ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶା ଚେସ୍‌ରେ ସାତ୍ତ୍ୱିକ ରଚିଲେ ନୂଆ ଇତିହାସ

**ଭୁବନେଶ୍ୱର**



ବହୁ ବର୍ଷ ପରେ ଓଡ଼ିଶାକୁ ମିଳିଛି ଜାତୀୟ ଚେସ୍ ମୁକୁଟ। ହରିୟାଣାର ଗୁରୁଗ୍ରାମ୍‌ରେ ଶେଷ ହୋଇଥିବା ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାର ଓପନ୍ ବର୍ଗରେ ବିଜେତା ହୋଇଛନ୍ତି ଭୁବନେଶ୍ୱରର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲ୍‌ର ଏହି ଛାତ୍ର ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ୧୧ ରାଉଣ୍ଡରୁ ୧୦ ପଏଣ୍ଟ୍ ସହ ଅପ୍ରତିଦ୍ୱନ୍ଦ୍ୱୀ ବିଜେତା ହୋଇଛନ୍ତି। ୧୧ ରାଉଣ୍ଡରୁ ସେ ୯ଟି ସିଧାସଳଖ ବିଜୟ ହାସଲ କରିଥିବାବେଳେ ଦୁଇଟି ରାଉଣ୍ଡ (ଅଷ୍ଟମ ଓ ଦଶମ)ରେ ଗେମ୍ ଡ୍ର’ ରଖିଥିଲେ। ପଞ୍ଜାବର ଆକ୍ରିଶ ଗୁପ୍ତାଙ୍କୁ ହରାଇ ଆରମ୍ଭ କରିଥିବା ଅଭିଯାନ ଶେଷରେ ଅନ୍ତିମ ରାଉଣ୍ଡ୍‌ରେ ମଧ୍ୟପ୍ରଦେଶର ସମୃଦ୍ଧ ଖାରେଙ୍କୁ ହରାଇଥିଲେ। ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଭାବେ ପଦାର୍ପଣ କରିଥିବା ସାତ୍ତ୍ୱିକଙ୍କଠାରୁ ପଞ୍ଚମ ରାଉଣ୍ଡ୍‌ରେ ହାରିଥିବା କର୍ଣ୍ଣାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା ୯.୫ ପଏଣ୍ଟ୍ ସହ ଉପବିଜେତା ଏବଂ ଶୀର୍ଷମାନ୍ୟତାପ୍ରାପ୍ତ ତେଲେଙ୍ଗାନାର ଅବଦୁଲ୍ଲା ଦିବିଥ ରେଡ୍ଡୀ ୮.୫ ପଏଣ୍ଟ ସହ ତୃତୀୟ ହୋଇଥିଲେ। ଅବଦୁଲାଙ୍କୁ ସାତ୍ତ୍ୱିକ ସପ୍ତମ ରାଉଣ୍ଡ୍‌ରେ ପରାସ୍ତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏଆଇସିଏଫ୍ ଇଭେଣ୍ଟ୍ କମିଟି ମୁଖ୍ୟ ରଂଜନ ମହାନ୍ତି ଯୋଗଦେଇ ଆଉ ଏକ ଓଡ଼ିଆ ସ୍ୱର୍ଣ୍ଣ ବି ରଖିଥିଲେ। ସାତ୍ତ୍ୱିକଙ୍କ ସଫଳତା ଓଡ଼ିଶା ଚେସ୍‌ରେ ନୂଆ ଉନ୍ମାଦନା ଭରିଦେଇଛି। ବିଶେଷ କରି ବୟସ ବର୍ଗରେ ଏହା ନୂଆ ଇନ୍ଧନ ଯୋଗାଇବ ବୋଲି ବିଶ୍ୱାସ ଆସିଛି।

# ଭାରତୀୟ ଦଳରେ ସୁଯୋଗ ମିଳିଲାନି : ଏବେ ନର୍ଟିଂହାମଶାୟାର ପକ୍ଷରୁ ଖେଳିବେ ଈଶାନ କିଶାନ

**ନୂଆଦିଲ୍ଲୀ**



ଭାରତୀୟ ଦଳର ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ଏବେ ଏକ ନୂତନ ଟିମ୍‌ରୁ ଡେବ୍ୟୁ କରିବାକୁ ଯାଉଛନ୍ତି। ଲିଡ୍ସ ଟେଷ୍ଟ ମଧ୍ୟରେ ସେ ରବିବାର ୨୨ ଜୁନରେ ଏକ ଇଂଲଣ୍ଡ ଦଳ ପକ୍ଷରୁ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଥିଲେ। ସେ ଭାରତ ଏ ଦଳରେ ସାମିଲ ହୋଇଥିଲେ, କିନ୍ତୁ ତାଙ୍କୁ ଇଂଲିସ ଲାୟନ୍ସ ବିପକ୍ଷରେ ଖେଳିବାର ସୁଯୋଗ ମିଳି ନ ଥିଲା। ଟିମ୍ ଇଣ୍ଡିଆର ଏହି ଉଇକେଟକିପର ବ୍ୟାଟ୍ସମ୍ୟାନ ଡିସେମ୍ବର ୨୦୨୩ରୁ ଭାରତୀୟ ଟେଷ୍ଟ ଦଳରୁ ବାହାରେ ଅଛନ୍ତି। ସେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇଥିଲେ, କିନ୍ତୁ ବ୍ୟକ୍ତିଗତ କାରଣରୁ ସେ ଦଳରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ଇଶାନ ନର୍ଟିଂହାମଶାୟାର ଦଳରୁ କାଉଣ୍ଟି ଚାମ୍ପିଅନସିପରେ ତାଙ୍କର ପ୍ରଥମ ମ୍ୟାଚ ଖେଳିବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି।

ଇଶାନ କିଷନ କାଉଣ୍ଟି ଚାମ୍ପିଅନସିପରେ ୟର୍କସାୟାର ବିପକ୍ଷରେ ଖେଳିବେ। ସେ ନର୍ଟିଂହାମଶାୟାର ସହିତ ଦୁଇଟି ମ୍ୟାଚ୍ ପାଇଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଦକ୍ଷିଣ ଆଫ୍ରିକାର ଉଇକେଟକିପର ବ୍ୟାଟ୍ସମ୍ୟାନ କାଇଲ ଭେରେନେ ଜିମ୍ବାୱେ ସହିତ ଦୁଇ ଟେଷ୍ଟ ସିରିଜ ପାଇଁ ନିଜ ଦେଶ ଯିବା ପରେ ଇଶାନଙ୍କୁ ଏହି ସୁଯୋଗ ମିଳିଛି। ୟର୍କସାୟାର ବିପକ୍ଷ ମ୍ୟାଚ ଖେଳିବା ପରେ, ଇଶାନ ଜୁନ ୨୯ ରୁ ଟଣ୍ଟନରେ ସମରସେଟ ବିପକ୍ଷ ମ୍ୟାଚରେ ତାଙ୍କର ବ୍ୟାଟିଂ ଦକ୍ଷତା ଦେଖାଇବେ।

ଇଶାନ କିଶାନ କାଉଣ୍ଟି ଚାମ୍ପିଅନସିପରେ ଖେଳିବାକୁ ବହୁତ ଉତ୍ସାହିତ। ତାଙ୍କ ଦଳ ୟର୍କସାୟାର ବିପକ୍ଷରେ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ନର୍ଟିଂହାମଶାୟାର ଦଳରେ ଯୋଗ ଦେବା ପରେ, ଇଶାନ କହିଛନ୍ତି ଯେ ମୁଁ ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳିବାର ପ୍ରଥମ ଅଭିଜ୍ଞତା ପାଇଁ ବହୁତ ଉତ୍ସାହିତ ଏବଂ ଏହା ମୋ ପାଇଁ ମୋର ପ୍ରତିଭା ପ୍ରଦର୍ଶନ କରିବାର ଏକ ମହାନ ସୁଯୋଗ। ସେ କହିଛନ୍ତି ଯେ ଇଂଲଣ୍ଡରେ ଖେଳିବାର ଅଭିଜ୍ଞତା ମୋ ପାଇଁ ବହୁତ ଉପଯୋଗୀ ହେବ। ସେହି ସମୟରେ, ନର୍ଟିଂହାମଶାୟାର ମୁଖ୍ୟ ପ୍ରଶିକ୍ଷକ ପିଟର ମୁର୍ସ କହିଛନ୍ତି ଯେ ଇଶାନ କାଉଣ୍ଟି କ୍ରିକେଟ ଖେଳିବାକୁ ଚାହୁଁଥିଲେ। ଏହି କଥା ତାଙ୍କୁ ପ୍ରଭାବିତ କରିଥିଲା। ସେ ତାଙ୍କର ଲାଲ ବଲ ଖେଳକୁ ଆଗକୁ ନେବାକୁ ଚାହାଁନ୍ତି। ଆମେ ତାଙ୍କୁ ଦଳରେ ସାମିଲ କରି ବହୁତ ଖୁସି। ଇଶାନ କିଶାନଙ୍କ ପୂର୍ବରୁ, ତିଲକ ବର୍ମା ହାମ୍ପଶାୟାର ପାଇଁ, ଋତୁରାଜ ଗାୟକୱାଡ ୟର୍କସାୟାର ପାଇଁ ଏବଂ ୟୁଜଭେନ୍ଦ୍ର ଚହଲ ନର୍ଥହାମ୍ପଶାୟାର ପାଇଁ କାଉଣ୍ଟି କ୍ରିକେଟ ଖେଳୁଛନ୍ତି।

ଟିମ୍ ଇଣ୍ଡିଆର ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ ଏପର୍ଯ୍ୟନ୍ତ ୫୮ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି। ଏଥିରେ ସେ ୮ଟି ଶତକ ଏବଂ ୧୭ଟି ଅର୍ଦ୍ଧଶତକ ସହାୟତାରେ ୩୪୪୭ ରନ କରିଛନ୍ତି। ତାଙ୍କର ଉଇକେଟ ପଛରେ ୧୧୮ଟି କ୍ୟାଚ ଏବଂ ୧୧ଟି ଷ୍ଟମ୍ପିଂ ମଧ୍ୟ ଅଛି। ସେ ଭାରତ ପାଇଁ ଦୁଇଟି ଟେଷ୍ଟ ଖେଳିଛନ୍ତି, ଯାହା ଜୁଲାଇ ୨୦୨୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଥିଲା। ଏଥିରେ ସେ ୭୮ ରନ କରଥିଲେ।

## ଭାରତ-ଇଂଲଣ୍ଡ ଟେଷ୍ଟ

# ପ୍ରଥମ ଇନିଂସରେ ବୁମ୍‌ରାଙ୍କୁ ୫ ଉଇକେଟ, ମାତ୍ର ୬ ରନ ପଛରେ ପଡ଼ିଲା ଇଂଲଣ୍ଡ



**ହେଡିଙ୍ଗଲେ**

ହେଡିଙ୍ଗଲେରେ ଚାଲିଥିବା ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନରେ ଭାରତୀୟ ଦ୍ରୁତ ବୋଲର ଜସ୍‌ପ୍ରୀତ ବୁମ୍‌ରାଙ୍କ ଚମତ୍କାର ବୋଲିଂ ସତ୍ତ୍ୱେ ଇଂଲଣ୍ଡ ପ୍ରଥମ ଇନିଂସରେ ଭାରତର ୪୭୧ ରନ ତୁଳନାରେ ୪୬୫ ରନ କରି ମାତ୍ର ୬ ରନ ପଛରେ ରହିଛି। ବୁମରାଙ୍କ ୫ ଉଇକେଟ ଭାରତକୁ ଏକ ଛୋଟ ଲିଡ୍ ଦେଇଛି, କିନ୍ତୁ ଇଂଲଣ୍ଡର ବ୍ୟାଟିଂ ଓ ଭାରତୀୟ ଦଳର କ୍ୟାଚ୍ ମିସ୍ ମ୍ୟାଚ୍‌କୁ ରୋମାଞ୍ଚକର କରିଛି। ତେବେ ତୃତୀୟ ଦିନରେ ଜସପ୍ରୀତ ବୁମ୍‌ରାଙ୍କ ବୋଲିଂ ଥିଲା ଦିନର ମୁଖ୍ୟ ଆକର୍ଷଣ। ତାଙ୍କର ନିଖୁଣ ଲାଇନ ଓ ଲେନ୍ଥ ଇଂଲଣ୍ଡର ବ୍ୟାଟିଂ ଲାଇନଅପ୍‌କୁ ବେଶ୍ ଚାପରେ ରଖିଥିଲା। ବୁମ୍‌ରା ଜାକ୍ କ୍ରାୱ୍ଲେ (୪), ବେନ ଡକେଟ (୬୨), ଜୋ ରୁଟ (୨୮), ଓଲି ପୋପ (୧୦୬) ଓ କ୍ରିସ ଓକ୍ସ (୩୮)ଙ୍କ ଉଇକେଟ ନେଇ ନିଜର ୧୫୦ ଟେଷ୍ଟ ଉଇକେଟ ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ତାଙ୍କର ଶେଷ ଉଇକେଟ, ଜସ ଟଙ୍ଗଙ୍କୁ ଆଉଟସ୍ୱିଙ୍ଗରରେ ବୋଲ୍ଡ କରି, ଭାରତକୁ ଲିଡ୍ ଦେଇଥିଲା।

ଇଂଲଣ୍ଡ ପକ୍ଷରୁ ଓଲି ପୋପଙ୍କ ୧୦୬ ରନ (୧୩୧ ବଲ, ୧୩ ଚୌକା) ଓ ହ୍ୟାରୀ ବ୍ରୁକଙ୍କ ଅପରାଜିତ ୫୭ (୭ ଚୌକା, ୧ ଛକା) ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ପୋପ୍ ଓ ଡକେଟଙ୍କ ୧୨୨ ରନର ଦ୍ୱିତୀୟ ଉଇକେଟ ପାର୍ଟନରସିପ ଇଂଲଣ୍ଡକୁ ମ୍ୟାଚ୍‌ରେ ଫେରାଇ ଆଣିଥିଲା। କିନ୍ତୁ ଭାରତୀୟ ଫିଲ୍ଡରମାନଙ୍କର ୫ଟି କ୍ୟାଚ୍ ମିସ୍ ମଧ୍ୟ ଇଂଲଣ୍ଡକୁ ସୁଯୋଗ ଦେଇଥିଲା।

ଭାରତ ପ୍ରଥମ ଇନିଂସରେ ୪୭୧ ରନ କରିଥିଲା, ଯେଉଁଥିରେ ଶୁଭମାନ ଗିଲ (୧୪୭), ଋଷଭ ପନ୍ତ (୧୩୪) ଓ ଯଶସ୍ୱୀ ଜୟସୱାଲ (୧୦୧)ଙ୍କ ଶତକ ଥିଲା। କିନ୍ତୁ ୩୫୯/୩ରୁ ୪୭୧ରେ ଅଲଆଉଟ ହେବା ଭାରତର ନିମ୍ନ କ୍ରମର ଦୁର୍ବଳତା ଦେଖାଯାଇଥିଲା। ବୁମ୍‌ରାଙ୍କ ବ୍ୟତୀତ ଭାରତୀୟ ବୋଲିଂ ଖୁବ୍ ପ୍ରଭାବୀ ନଥିଲା। ମହମ୍ମଦ ସିରାଜ ଓ ପ୍ରସିଦ୍ଧ କୃଷ୍ଣା ଯଥାକ୍ରମେ ବେନ ଷ୍ଟୋକ୍ସ (୨୦) ଓ ପୋପଙ୍କ ଉଇକେଟ ନେଇଥିଲେ, କିନ୍ତୁ ସେମାନଙ୍କର ଅନିୟମିତ ବୋଲିଂ ଇଂଲଣ୍ଡକୁ ରନ ସଂଗ୍ରହରେ ସୁବିଧା ଦେଇଥିଲା। ରବୀନ୍ଦ୍ର ଜାଡେଜାଙ୍କ ସ୍ପିନ ମଧ୍ୟ ଖାସ ପ୍ରଭାବ ପକାଇ ନଥିଲା।

# ଶ୍ରୀଷ୍ଟି ଉପାଧ୍ୟାୟଙ୍କୁ ଜାତୀୟ ଜଳକ୍ରୀଡ଼ା ଚାମ୍ପିଅନସିପ୍‌ରେ ମିଳିଲା ସ୍ୱର୍ଣ୍ଣ

**ଭୁବନେଶ୍ୱର**

ଓଡ଼ିଶାର ପ୍ରତିଭାବାନ ସନ୍ତରଣ ଖେଳାଳି ଶ୍ରୀଷ୍ଟି ଉପାଧ୍ୟାୟ ୭୮ତମ ଜାତୀୟ ଜଳକ୍ରୀଡ଼ା ଚାମ୍ପିଅନସିପ ୨୦୨୫ରେ ୧୦୦ ମିଟର ବଟରଫ୍ଲାଇ (ମହିଳା) ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏହି ଚାମ୍ପିଅନସିପର ପ୍ରଥମ ଦିନରେ ଶ୍ରୀଷ୍ଟି ଏହି ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଜୁନ ୨୬ ପର୍ଯ୍ୟନ୍ତ ଚାଲିବ। ରବିବାର ସକାଳେ ରାଜ୍ୟର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱିମିଂ ଫେଡେରେସନ ଅଫ ଇଣ୍ଡିଆର ସଭାପତି ଆର.ଏନ. ଜୟପ୍ରକାଶ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଇଭେଣ୍ଟର ଉଦ୍‌ଘାଟନ କରିଥିଲେ।



ସ୍ୱର୍ଣ୍ଣପଦକ ଜିତିବା ପରେ ଶ୍ରୀଷ୍ଟି କହିଛନ୍ତି, “ଜାତୀୟ ଜଳକ୍ରୀଡ଼ା ଚାମ୍ପିଅନସିପର ପ୍ରଥମ ଦିନରେ ସ୍ୱର୍ଣ୍ଣପଦକ ଜିତି ମୁଁ ବହୁତ ଖୁସି। ଏହା ମୋର ପ୍ରଥମ ବ୍ୟକ୍ତିଗତ ପଦକ। ମୁଁ ୫୦ ମିଟର ଓ ୨୦୦ ମିଟର ବଟରଫ୍ଲାଇ ଇଭେଣ୍ଟରେ ମଧ୍ୟ ଭାଗ ନେବି। ମୋର ତୁରନ୍ତ ଲକ୍ଷ୍ୟ ହେଉଛି ଏସୀୟ ଚାମ୍ପିଅନସିପ ଓ ଏସୀୟ ଖେଳ ପାଇଁ ଚୟନ ହେବା।” ଶ୍ରୀଷ୍ଟିଙ୍କ ଏହି ସଫଳତା ଓଡ଼ିଶାର କ୍ରୀଡ଼ା ଜଗତ ପାଇଁ ଏକ ବଡ଼ ଗୌରବ ଆଣିଛି। ତାଙ୍କର ଏହି ପ୍ରଦର୍ଶନ ଅନ୍ୟ ଯୁବ ଖେଳାଳିଙ୍କ ପାଇଁ ମଧ୍ୟ ପ୍ରେରଣା ସାଜିଛି। ଆଗାମୀ ଦିନରେ ଶ୍ରୀଷ୍ଟିଙ୍କ ଅନ୍ୟ ଇଭେଣ୍ଟରେ ପ୍ରଦର୍ଶନ ଓ ତାଙ୍କର ଆନ୍ତର୍ଜାତୀୟ ଲକ୍ଷ୍ୟ ଉପରେ ସମସ୍ତଙ୍କ ନଜର ରହିଛି।

# ଇଂଲିଶ ମିଡ଼ିଅମ୍ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର ଠାରେ ହାପୀ କିଡସ୍ ଇଂଲିଶ ମିଡ଼ିଅମ୍ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଦୀର୍ଘ ୧ ଘଣ୍ଟା ଧରି ଯୋଗାଭ୍ୟାସ ଚାଲିଥିଲା ଏହି ଅବସରରେ ଯୋଗ ଗୁରୁ ସରିତ ମହାପାତ୍ର ସ୍କୁଲର ସମସ୍ତ ପିଲାମାନଙ୍କୁ ଯୋଗ ଦିବସରେ ଜୀବନରେ ଏକ ମହୋଷଧୀ ଭଳି କାର୍ଯ୍ୟ କରିଥାଏ। କେବଳ ଗୋଟିଏ ଦିନ ନୁହେଁ ପ୍ରତ୍ୟେକ ଦିନ ଯୋଗାଭ୍ୟାସ କଲେ ଜଣେ ସୁସ୍ଥ ରହିବା ସହ ଏକାଗ୍ରତା ବୃଦ୍ଧି କରିପାରିବ। ଶରୀର ଓ ମନ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ ଡକ୍ଟର ଅଶୋକ କୁମାର ଶତପଥୀ, ହୃଦରୋଗ ବିଶେଷଜ୍ଞ ଓଡ଼ିଶାର ସୁନାମ ଧନ୍ୟ ଡକ୍ଟର ବ୍ୟୋମକେଶ୍ ଦୀକ୍ଷିତ ଆପୋଲୋ ହସ୍ପିଟାଲ ଯୋଗ ଦେଇ ଆମେ ମଧ୍ୟ ଯୋଗକୁ ନିଜ ଜୀବନରେ ସାମିଲ କରିବାକୁ ଆହ୍ୱାନ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଅଧକ୍ଷ ରୋସନ୍ ରଥ, ଉଷାଲତା ରାଉଳ, ପ୍ରାଚୀ ଦାସ, ରେସମା ଖାତୁନ, ପ୍ରମୋଦ ସାହୁ, ତସ୍ଲିନ ସାର, ତୁଳସୀ ମଲ୍ଲିକ, ସଂଗ୍ରାମ ସାହୁ, ଭାରତ ଭୁଷଣ ବେହେରାଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀମାନେ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




# ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମର ଶୁଭାରମ୍ଭ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ପୌରପାଳିକା ଆନୁକୂଲ୍ୟରେ ସ୍ଥାନୀୟ ବେଲଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ପରିବେଶ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପିତ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ସାରା ଦେଶରେ ଚାଲିଛି। ଏଣୁ ନିଜ ମାଆ ପ୍ରତି ଶ୍ରଦ୍ଧା ରଖି ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଅଭିଯାନରେ ବାରିପଦା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ୫୩୫ଟି ବୃକ୍ଷ ଚାରା ରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ବିଦ୍ୟାଳୟ ପରିସରରେ କିଛି ବୃକ୍ଷ ଚାରା ରୋପଣ କରିଥିଲେ। ବାରିପଦା ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୌର ପାଳିକା ଉପାଧକ୍ଷା ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମାଆ ଦୁର୍ଗା ଆଞ୍ଚଳିକ ମହାସଂଘ ସଦସ୍ୟା, ଜନ କଲ୍ୟାଣ ମହାସଙ୍ଘ ସଦସ୍ୟାଙ୍କ ସହିତ କାଉନସିଲର ସୁକେଶିନୀ ସେଠୀ, ପୂଜା ତରେଇ, ଦିଗବିଜୟ ସିଂ, ଅନନ୍ତ କୁମାର ଦାସ, ପ୍ରଭାତୀ ପୃଷ୍ଟି, ଜିତା ସିଂ, ଲକ୍ଷ୍ମୀଧର ହାବଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଘର ପୋଡ଼ିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅଧିନ ଦୋସଉତୁଣୀ ଗ୍ରାମରେ ନିଆଁ ଲଗାଇ ଘର ପୋଡ଼ି ଦେଇଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ନଥିବାରୁ ପୀଡ଼ିତ ପରିବାର ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ଧାରଣା ଦିଆଯାଇ ଥିବା ଜଣାପଡ଼ିଛି। ଏହି ପରିବାର ରାତିରେ ଘରେଶୋଇଥିବା ବେଳେ କେତେକ ଦୁର୍ବୃତ୍ତ ଘରେ ନିଆଁ ଲଗାଇ ଦେବାରୁ ଘରଟି ସଂପୂର୍ଣ୍ଣ ପୋଡ଼ିଯିବା ସହ ପୀଡ଼ିତ ପରିବାରର ବହୁ ସମ୍ପତ୍ତି ନଷ୍ଟ ହୋଇଥିଲା। ଏନେଇ ରାଜକନିକା ଥାନାରେ



ଅଭିଯୋଗ କରାଯାଇଥିଲେ ମଧ ପୋଲିସ ନାମକୁ ମାତ୍ର ଏକ ମାମଲା ରୁଜୁକରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅପରପକ୍ଷରେ ସ୍ଥାନୀୟ ତହସିଲଦାର କୌଣସି ଆର୍ଥିକ ସହାୟତା ପ୍ରଦାନ କରୁନଥିବା ଅଭିଯୋଗରେ ପରିବାର ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପୀଡ଼ିତ ପରିବାରକୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ମିଲର୍ସର ମନମାନୀ ଯୋଗୁଁ ଉଠି ପାରୁନି ଧାନ : ପେକ୍ସରେ ପଡ଼ିଛି ହଜାର ହଜାର ବସ୍ତା, ଚାଷୀ ଚିନ୍ତାରେ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ଦେଉଳପଦର ପେକ୍ସରେ ଧାନକିଣାରେ ଅବ୍ୟବସ୍ଥା ଦେଖା ଦେଇଛି। ମିଲର୍ସଙ୍କ ମନମାନୀ କାରଣରୁ ପେକ୍ସରୁ ଧାନ ଉଠିପାରୁ ନାହିଁ ଓ ପ୍ରାୟ ୪ ହଜାର ବସ୍ତାଧାନ ପଡ଼ିରହିଛି। ପେକ୍ସ ପକ୍ଷରୁ ଏହି ପେକ୍ସକୁ ଟେଗ୍ କରାଯାଇଥିବା ଶୀତଲ ଏଗ୍ରୋ ଓ ଲଳିତା ରାଇସମିଲର ମାଲିକଙ୍କୁ ଯେତେ ଫୋନ କଲେ ମଧ ସେ ଧାନ ଉଠାଇବାକୁ ଟ୍ରକ୍ ପଠାଉ ନ ଥିବା ଚାଷୀ ଅଭିଯୋଗ କରୁଛନ୍ତି। ଏନେଇ ପେକ୍ସର ସଭାପତି ରାଜେନ୍ଦ୍ର ପଣ୍ଡା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଖବର ନେବାରୁ ଜଣାପଡ଼ିଛି ଯେ, ଦେଉଳପଦର ପେକ୍ସରେ ଚଳିତ ରବିଋତୁରେ ୩୫୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ମିଳିଥିଲା। ସେଥିରୁ ଆଉ ୧୬୨ କ୍ୱିଣ୍ଟାଲ ବାକି



ରହିଛି। କିନ୍ତୁ ସେପଟେ ନିକଟସ୍ଥ ପୁଆ ପେକ୍ସରେ ଭିତ୍ତିଭୂମୀ ନଥିବାରୁ ସେହି ପେକ୍ସର ଚାଷିମାନେ ଦେଉଳପଦର ପେକ୍ସରେ ଧାନ ବିକ୍ରୀ କରିବାକୁ ନିର୍ଦ୍ଦେଶ ହୋଇଛି। ପୁଆ ପେକ୍ସକୁ ଚଳିତ ରବିରେ ୧୧,୦୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଛି। ପୁଆ ପେକ୍ସର ଚାଷିମାନେ ଦେଉଳପଦର ପେକ୍ସରେ ଆସି ଧାନ ଦେଇଛନ୍ତି। ଏବେ ପ୍ରାୟ ୪ ହଜାର ବସ୍ତା ଧାନ ପେକ୍ସରେ ପଡ଼ିରହିଥିବା ଜଣାପଡିଛି। ଗତ ତିନିଦିନ ହେଲା ମିଲର୍ସ ଗାଡି ପଠାଉନାହାନ୍ତି। ତେଣୁ ଧାନ ଉଠିପାରୁନାହିଁ କି ଅନ୍ୟ ଚାଷୀ ମାନଙ୍କର ଧାନ ବିକ୍ରୀ ହୋଇପାରୁ ନାହିଁ। ମିଲର୍ସଙ୍କ ଏଭଳି ମନମାନୀକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ମିଲର୍ସଙ୍କ ଏଭଳି ମନମାନୀକୁ ନେଇ ଦେଉଳ ପଦର ପେକ୍ସର ସଭାପତି ରାଜେନ୍ଦ୍ର ପଣ୍ଡା ସୋନପୁର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ଲଳିତା ରାଇସ୍‌ମିଲର ମାଲିକ ମନୀଷ ଅଗ୍ରୱାଲଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ରିସିଭ କରିନଥିଲେ। ସୋନପୁର ଯୋଗାଣଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲା ଓ ମିଲର୍ସଙ୍କ ସିକ୍ୟୁରିଟି ଡିପୋଜିଟରେ ସମସ୍ୟା ଥିବାରୁ ସେ ଧାନ ଉଠାଉନଥିବା କହିଛନ୍ତି। ତେବେ ଖୁବ୍ ଶୀଘ୍ର ଧାନ ଉଠାଯିବ ବୋଲି ମୁଖ୍ୟ ଯୋଗାଣଅଧିକାରୀ କହିଛନ୍ତି। ତେବେ ସୋନପୁର ଜିଲ୍ଲାର କେବଳ ଦେଉଳପଦର ପେକ୍ସ ନୁହଁ ବିନିକା ମଣ୍ଡିରେ ମଧ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଥିବା ଜଣାପଡ଼ିଛି। କେତେକ ମିଲର୍ସ ଛତିଶଗଡ଼ରୁ ଧାନ କମଦରରେ ଆଣି ମିଲ୍‌ରେ ଭର୍ତ୍ତି କରି ରଖିଥିବା କାରଣରୁ ନିଜ ଜିଲ୍ଲାର ଧାନ ଉଠାଇବାରେ ସମସ୍ୟା ଦେଖାଦେଇଛି ବୋଲି ମଧ ଅଭିଯୋଗ ହେଉଛି। ରାଜ୍ୟସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟା ଉପରେ ଧ୍ୟାନ ଦେବାକୁ ଚାଷୀମାନେ ଦାବି କରୁଛନ୍ତି।

# କଳିଙ୍ଗ ବ୍ଲାକ ଟାଇଗର୍ସର ପ୍ରଥମ ବିଜୟ

**ମୁମ୍ବାଇ**

ଓଡ଼ିଶାର କଳିଙ୍ଗ ବ୍ଲାକ ଟାଇଗର୍ସ (କେବିଟି) ଚଳିତ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ)ରେ ପ୍ରଥମ ବିଜୟ ହାସଲ କରିଛି। ଖେଳାଯାଇଥିବା ମ୍ୟାଚ୍‌ରେ କଳିଙ୍ଗ ବ୍ଲାକ ଟାଇଗର୍ସ ୧୯-୧୫ ପଏଣ୍ଟରେ ଦିଲ୍ଲୀ ରେଡ୍‌ଜକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଆଶିଷ ସବର, ଲୁକାସ ଲାକାମ୍ପ ଓ କାଇଲ ଟ୍ରେମବ୍ଲେ ଟ୍ରାଇ ସ୍କୋର କରିଥିଲେ। ଦିଲ୍ଲୀ ପକ୍ଷରୁ ପାଟ୍ରିକ ଓକୋଙ୍ଗୋ, ଆଲେଜାଣ୍ଡ୍ରୋ ଲାଫୋର୍ଗା ଓ ଜୋର୍ଡାନ କନରୟ ଟ୍ରାଇ କରିଥିଲେ। ଏହି ବିଜୟ ସତ୍ତ୍ୱେ କେବିଟି ୬ ଦଳ ବିଶିଷ୍ଟ ପ୍ରତିଯୋଗିତାର ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ହାଇଦ୍ରାବାଦ ହିରୋଜ ୨୪-୧୭ ପଏଣ୍ଟରେ ମୁମ୍ବାଇ ଡ୍ରିମର୍ସକୁ ପରାସ୍ତ କରିଛି। ସେହିଭଳି ଚେନ୍ନାଇ ବୁଲ୍ସ ୩୧-୨୪ ପଏଣ୍ଟରେ ବେଙ୍ଗାଲୁରୁ ବ୍ରେଭହାଟରସକୁ ହରାଇ ଦେଇଛି।

# ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ‘ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ପୂର୍ବତଟ ରେଳବାଇ ସ୍ପୋର୍ଟସ୍ ଆସୋସିଏସନ୍ ଷ୍ଟାଡିୟମ୍, ଖୋର୍ଦ୍ଧା ରୋଡ୍ ଠାରେ ‘ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’ ବିଷୟବସ୍ତୁ ସହିତ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ଏହି ବିଷୟବସ୍ତୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ଆମ ଗ୍ରହର ସ୍ୱାସ୍ଥ୍ୟ ମଧ୍ୟରେ ସମ୍ପର୍କକୁ ସୂଚିତ କରେ। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱାଙ୍କ ସହିତ ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍), ଶୁଭ୍ରା ଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀ ଏବଂ କର୍ମଚାରୀ ମାନେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନରେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ଯୋଗ ଅଭ୍ୟାସ କରିବାକୁ ଉତ୍ସାହିତ କରାଯାଇଥିଲା ଏବଂ ଯୋଗ ସମସ୍ତଙ୍କ ଜୀବନରେ ସନ୍ତୁଳନ, ସ୍ୱଚ୍ଛତା, ଏକାଗ୍ରତା ଏବଂ ସକାରାତ୍ମକତା ଭାବନା ଆଣିଥାଏ। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡକ୍ଟର ଜ୍ଞାନେନ୍ଦ୍ର କୁମାର ମିଶ୍ର ଏବଂ ପୁରୀର ଦିବ୍ୟ ଯୋଗ ତାଲିମ ଏବଂ ଚିକିତ୍ସା କେନ୍ଦ୍ରର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପରାମର୍ଶଦାତା ମଧୁସ୍ମିତା ଦାଶ ଉପସ୍ଥିତ ରହି ଲୋକମାନଙ୍କୁ କିଛି ଯୋଗ ଆସନ ଏବଂ ପ୍ରାଣାୟମ ସହିତ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଗୁରୁତ୍ୱ ବୁଝାଇଥିଲେ। ସମସ୍ତେ ସୁସ୍ଥ ସମାଜ ଏବଂ ସୁସ୍ଥ ରାଷ୍ଟ୍ର ଗଠନ ପାଇଁ ସୁସ୍ଥ ନାଗରିକ ହେବା ପାଇଁ ଯୋଗ ଅଭ୍ୟାସ କରିବାକୁ ପ୍ରତିଜ୍ଞା ନେଇଥିଲେ। ଏହି ଅବସରରେ ଏଚ୍.ଏସ୍. ବାଜୱା ଯୋଗ ପ୍ରତିଯୋଗିତାର ବିଜେତା ମାନଙ୍କୁ ନଗଦ ପୁରସ୍କାର ଏବଂ ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ କରିଥିଲେ। ଆନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଖୋର୍ଦ୍ଧା ରୋଡ ଡିଭିଜନ ପକ୍ଷରୁ, ଯୋଗର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଡିଭିଜନର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଯୋଗ ଅଧିବେଶନ, ସେମିନାର, କର୍ମଶାଳା, ବକ୍ତୃତା, ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରିଥିଲା। ଖୋର୍ଦ୍ଧା ରୋଡ୍ ଡିଭିଜନର ବିଭିନ୍ନ ରେଳ ଷ୍ଟେସନର କର୍ମଚାରୀମାନଙ୍କ ଦ୍ୱାରା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ଼ ବରିଷ୍ଠ କାର୍ମିକ ଅଧିକାରୀ ଆର.ଏନ୍.ଏ. ପରିଡ଼ା ପରିଚାଳନା କରିଥିଲେ।

# ଭାରତରୁ ଜନ୍ମିତ ‘ଯୋଗ’ ଏବେ ଜନଆନ୍ଦୋଳନରେ ପରିଣତ ହେଉଛି

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଅନାଦି ଅନନ୍ତ କାଳରୁ ଭାରତରେ ଜନ୍ମ ନେଇଥିବା ଯୋଗ ଅଭ୍ୟାସ ବିଶ୍ୱରେ ଏକ ଜନଆନ୍ଦୋଳନରେ ପରିଣତ ହେଉଛି। ଯୋଗ; ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ ବୋଲି ସମ୍ବଲପୁରରେ ୧୧ତମ ‘ଅନ୍ତର୍ଜାତୀୟ ଯୋଗ ଦିବସ’ ପାଳନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସମ୍ବଲପୁରର ମାଆ ସମଲେଶ୍ୱରୀଙ୍କ ପୀଠ ଓ ମହାନଦୀର ଉପକୂଳ ଅଞ୍ଚଳରେ ସମ୍ବଲପୁରର ଜନସାଧାରଣଙ୍କ ସହ ଯୋଗ କରିବା ସହ ଏହି ଦିବସର ଶୁଭେଚ୍ଛା ଜଣାଇଥିଲେ। ବିଶେଷ ଭାବରେ ସ୍କୁଲରୁ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ସାମାଜିକ ସଂଗଠନ, ସରକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ସଂଗଠନର ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ସହ ସମବେତ ହୋଇ ଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ଯୋଗ ଦିବସ – ୨୦୨୫ ବିଷୟବସ୍ତୁ ‘ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’ ଉପରେ ଶ୍ରୀ ପ୍ରଧାନ



ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ୨୦୧୪ରେ ପ୍ରଧାନମନ୍ତ୍ରୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ। ଭାରତର ପ୍ରସ୍ତାବକୁ ୧୫୦ରୁ ଅଧିକ ଦେଶ ସମର୍ଥନ ଦେଇଥିଲେ। ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଯୋଗ ଏକ ସିଦ୍ଧ ଉପଚାର ଅଟେ। ବ୍ଲଡ୍ ପ୍ରେସର, ମଧୁମେହ ଭଳି ରୋଗକୁ ପ୍ରତିହତ କରିବା ପାଇଁ ଆମକୁ ଏକ ସୁସ୍ଥ ଜୀବନଶୈଳୀକୁ ବିକଶିତ କରିବା ପାଇଁ ପଡ଼ିବ। ଏଥିପାଇଁ ଜାତୀୟ ଶିକ୍ଷା ନୀତିରେ ମଧ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସମ୍ବଲପୁରର ଗୋଟିଏ ଚରିତ୍ର, ସଂସ୍କୃତି ଓ ଉତ୍ସାହ ଅଛି। ଶାରିରୀକ ସୁସ୍ଥତାରେ ସମ୍ବଲପୁର ରାଜ୍ୟ ଓ ଦେଶର ପ୍ରମୁଖ ଅଞ୍ଚଳ ଭାବରେ ଉଭା ହେଉଛି। କ୍ରୀଡ଼ା, ବ୍ୟାୟାମ, କୁସ୍ତି ତଥା ପ୍ରାତଃଭ୍ରମଣ ଓ ସନ୍ଧ୍ୟା ଭ୍ରମଣ ଲୋକମାନଙ୍କ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି। ସମସାମୟିକ ସମୟରେ ଆମକୁ ସମ୍ବଲପୁରକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ପଡ଼ିବ। ଆଗାମୀ ଦିନରେ ଯେପରି ସମ୍ବଲପୁର ଜିଲ୍ଲାର ପ୍ରତିଟି ଗାଁର ନାଗରିକମାନେ ଯୋଗ ଦିବସ ପାଳନ କରିବେ, ସେ ଦିଗରେ ଆମେ ପ୍ରସ୍ତୁତି କରିବା ଦରକାର। ମା’ ସମଲେଶ୍ୱରୀଙ୍କ ଆଶୀର୍ବାଦରେ ଜିଲ୍ଲାର ନାଗରିକଙ୍କ ମଧ୍ୟରେ ସମ୍ପନ୍ନତା ଆଣିବା ପାଇଁ ପ୍ରୟାସ କରିବା ସହ ସୁସ୍ଥ ଓ ସୁଖୀ ଜୀବନଯାପନ ପାଇଁ ଯୋଗକୁ ଗ୍ରହଣ କରିବା ପାଇଁ ଶ୍ରୀ ପ୍ରଧାନ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ। ଏହି ଯୋଗ କାର୍ଯ୍ୟକ୍ରମର ଆୟୋଜନ ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ ମଧ ଯୋଗ ପାଳିଥିଲେ। ଉଲ୍ଲେଖନୀୟ ଯେ ବିଶାଖାପାଟଣାରୁ ପ୍ରଧାନମନ୍ତ୍ରୀଙ୍କ ଯୋଗ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ ଏଠାରେ ପ୍ରସାରିତ ହୋଇଥିଲା।

ଭୁବନେଶ୍ୱର
୨୩ ଜୁନ୍,
ସୋମବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ପୁରୀ : ବ୍ରହ୍ମଗିରିରେ ପ୍ରଭୁ ଅଲାରନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କର ଧର୍ମପତ୍ନୀ। (ଫଟୋ : ସମ୍ବାଦ କଳିକା)

# ସୁସ୍ଥ ହେଲେ ମହାପ୍ରଭୁ : ଏହି ସୁସମ୍ବାଦ ମହାରାଜାଙ୍କୁ ଜଣାଇଲେ ସେବାୟତ

**ପୁରୀ, ୨୨/୦୬ ନ୍ୟୁଜ ବ୍ୟୁରୋ**

ସୁସ୍ଥ ହେଲେ ମହାପ୍ରଭୁ । ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ଗାଧୋଇବା ପରେ ଜ୍ୱରରେ ପୀଡିତ ହୋଇ ଅଣସରରେ ଅଛନ୍ତି । ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତ ସେବା ହୋଇଥିଲା । ଦଶମୂଳ ମୋଦକ ସେବନ ପରେ ଚତୁର୍ଦ୍ଧାମୂର୍ତ୍ତି ଏବେ ସଂପୂର୍ଣ୍ଣ ସୁସ୍ଥ । ଗଜପତି ମହାରାଜାଙ୍କୁ ମହାପ୍ରଭୁଙ୍କ ସୁସ୍ଥତା ଖବର ଦିଆଯାଇଛି । ରାଜପ୍ରାସାଦ ବିଜେ ନୀତି ଭାବେ ପ୍ରଥମ ଖବର ନେଇ ରାଜନଅର ଯାଇଥିଲେ ସେବାୟତ। ପରମ୍ପରା ମୁତାବକ, ମହାପ୍ରଭୁଙ୍କ ସୁସ୍ଥତା ଖବର ନେଇ ଦଇତାପତି ସେବକମାନେ ଆଦ୍ୟ ସେବକ



ଗଜପତି ମହାରାଜାଙ୍କୁ ଜଣାଇଛନ୍ତି । ରୁପା ଥାଳିରେ ଶ୍ରୀଚନ୍ଦନ, କରାଳ ଚନ୍ଦନ ଓ ପାଟଡୋର ଆଦି ସଜାଇ ପାଟପଟୁଆରରେ ଶ୍ରୀନଅର ପହଞ୍ଚିବା ପରେ ଏସବୁ ଦିବ୍ୟ ପଦାର୍ଥକୁ ଗଜପତିଙ୍କୁ ଭେଟି ଦିଆଯାଇଥିଲା ସୁସମ୍ବାଦ । ଆସନ୍ତା ୨୭ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତିନି ରଥରେ ବସି ବଡଦାଣ୍ଡରେ ଲକ୍ଷ ଲକ୍ଷ ଭକ୍ତ ଗହଣରେ ମାଉସୀ ଘରକୁ ଯିବେ ଦାରୁ ଦିଅଁ । ଏଥିପାଇଁ ଜୋରସୋରରେ ଚାଲିଛି ବ୍ୟାପକ ପ୍ରସ୍ତୁତି । ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀରେ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଚଳିତ ବର୍ଷର ରଥଯାତ୍ରାକୁ ଶୃଙ୍ଖଳିତ ଓ ଅଘଟଣ ମୁକ୍ତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଚଳିତ ବର୍ଷ ରଥଯାତ୍ରାରେ ସୁରକ୍ଷା ପାଇଁ ଡ୍ରୋନର ସହାୟତା ନିଆଯିବ । ପୁରୀକୁ ୨୭୫ଟି ଏଆଇ କ୍ୟାମେରା ଜଗିବ। ସେହିପରି ରବିବାର ରଥଯାତ୍ରା ସମ୍ପର୍କିତ ସ୍ୱତନ୍ତ୍ର ସମୀକ୍ଷା ବୈଠକ ପରେ ଏହି ସୂଚନା ଦେଇଛନ୍ତି ପୋଲିସ ଡିଜି ୱାଇ.ବି. ଖୁରାନିଆ । ରଥଯାତ୍ରା ପାଇଁ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ । ୧୦ ହଜାର ସୁରକ୍ଷାକର୍ମୀ ମୁତୟନ ହେବେ। କୁଇକ୍ ରେସପନ୍ସ ଟିମ୍ ଓ ଡ୍ରୋନର ସହାୟତା ନିଆଯିବ ବୋଲି ଡିଜିପି କହିଛନ୍ତି ।

# ରଥଯାତ୍ରା ସମୟରେ ପୂର୍ବତଟ ରେଳପଥ ପକ୍ଷରୁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ



**ଭୁବନେଶ୍ୱର,୨୨।୬**
**ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମହୋତ୍ସବକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ତୀର୍ଥଯାତ୍ରୀ ଏବଂ ପରିଦର୍ଶକମାନଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରିଛି । ରଥଯାତ୍ରା ସମୟରେ ନିୟମିତ ଚଳାଚଳ କରୁଥିବା ଟ୍ରେନ ବ୍ୟତୀତ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ପାଇଁ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଉଅଛି । ଯାହା ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଏବଂ ପଲାସା, ଛତିଶଗଡ଼ର ଜଗଦଲପୁର ଓ ଗୋଣ୍ଡିଆ ଏବଂ ପଶ୍ଚିମବଙ୍ଗର ସନ୍ତ୍ରାଗଛି (କୋଲକାତା) କୁ ସଂଯୋଗ କରିବ । ଏହି ସ୍ୱତନ୍ତ୍ର ଟ୍ରେନ ସେବାଗୁଡ଼ିକ ରାଜ୍ୟର ବିଭିନ୍ନ ସ୍ଥାନରୁ ଚଳାଚଳ କରାଯିବାକୁ ଯୋଜନା କରାଯାଇଛି । ରଥଯାତ୍ରା ମହୋତ୍ସବର ପ୍ରମୁଖ ଦିନଗୁଡ଼ିକରେ ବିଶେଷ ଗୁରୁତ୍ୱ ଦିଆଯିବାକୁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଅଛି । ରାଉରକେଲା, ବୀରମିତ୍ରପୁର, ବାଙ୍ଗିରିପୋଷି, ଜୁନାଗଡ଼ ରୋଡ୍, ବାଦାମପାହାଡ଼, ବୌଦ୍ଧ, ଜଗଦଳପୁର, ବାଲେଶ୍ୱର, ଅନୁଗୁଳ, ଗୁଣୁପୁର, ରାୟଗଡ଼ା, ପାରାଦୀପ, କେନ୍ଦୁଝର, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ଭଦ୍ରକ, ସମ୍ବଲପୁର, ତାଳଚେର, କଟକ, ବ୍ରହ୍ମପୁର, ଢେଙ୍କାନାଳ, ବଡ଼ବିଲ, ପଲାସା ଏବଂ ବିଶାଖାପାଟଣା (ଆନ୍ଧ୍ର ପ୍ରଦେଶ), ଜଗଦଲପୁର ଓ ଗୋଣ୍ଡିଆ (ଛତିଶଗଡ଼) ଏବଂ ସାନ୍ତ୍ରାଗାଛି / କଲିକତା (ପଶ୍ଚିମବଙ୍ଗ) ସହିତ ଟ୍ରେନ ସେବା ସଂଯୋଗ କରିବ। ଗୁଣ୍ଡିଚା ଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡା ଯାତ୍ରା ଏବଂ ସୁନାବେଶ ବ୍ୟତୀତ ରଥଯାତ୍ରା ମହୋତ୍ସବର ଅନ୍ୟ ଦିନଗୁଡ଼ିକ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି ଯେଉଁଥିରେ ରାଉରକେଲା, ବାଦାମପାହାଡ଼, ବୀରମିତ୍ରପୁର, ବାଙ୍ଗିରିପୋଷି, ବାଲେଶ୍ୱର, ବଡ଼ବିଲ, ଅନୁଗୁଳ, ପାରାଦୀପ, ଭଦ୍ରକ, କେନ୍ଦୁଝର, ପଲାସା, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ବଡ଼ବିଲ, ଜଗଦଲପୁର ଓ ଗୋଣ୍ଡିଆ (ଛତିଶଗଡ଼), ସନ୍ତ୍ରାଗାଛି (ପଶ୍ଚିମବଙ୍ଗ) ଏବଂ ପଲାସା ଓ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ) ବ୍ୟତୀତ ଅନ୍ୟାନ୍ୟ ସ୍ଥାନରୁ ସେବା ଉପଲବ୍ଧ ହେବ। ଯାତ୍ରୀମାନଙ୍କୁ ସରକାରୀ ରେଳ ପୋର୍ଟାଲ ମାଧ୍ୟମରେ ସମୟସୂଚୀ ଏବଂ ଉପଲବ୍ଧତା ଯାଞ୍ଚ କରିବାକୁ ଏବଂ ରଥଯାତ୍ରା ମହୋତ୍ସବ ସମୟରେ ସାର୍ବଜନୀନ ଘୋଷଣା ମାଧ୍ୟମରେ ଟ୍ରେନ ଚଳାଚଳ ସମ୍ବନ୍ଧରେ ସଠିକ ସୂଚନା ପ୍ରାପ୍ତ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ପାଳନ ପାଇଁ ପ୍ରସ୍ତୁତି

# ଜରୁରୀକାଳୀନ ପରିସ୍ଥିତିର ସ୍ୱତନ୍ତ୍ରତା ସେନାନୀମାନଙ୍କୁ ସମ୍ମାନିତ କରାଯିବ

**ଭୁବନେଶ୍ୱର ୨୨।୬**
**ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ଚଳିତ ମାସ ୨୫ ତାରିଖରେ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ରେଳ ଅଡିଟୋରିଅମ୍ ଠାରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡ଼ିଶାର ସମସ୍ତ ଜିଲ୍ଲାରୁ ଜନସାଧାରଣ ଏଥିରେ ଉପସ୍ଥିତ ରହିବେ। ଜରୁରୀକାଳୀନ ପରିସ୍ଥିତିର ସ୍ୱତନ୍ତ୍ରତା ସେନାନୀମାନଙ୍କୁ ମଧ୍ୟ ନିମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ ୧୯୭୫ ମସିହା ଜୁନ୍ ୨୫ ତାରିଖରେ ଲାଗୁ କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ



ଅନୁରୋଧ କରାଯାଇଛି । ଏହି ଉତ୍ସବର ବ୍ୟାପକ ପ୍ରଚାର ପ୍ରସାର ପାଇଁ ସୂଚନା ଓ ଲୋକସଂପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ସୂଚନା ଓ ଲୋକସଂପର୍କ ବିଭାଗକୁ ପ୍ରଦର୍ଶନୀ ଓ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନର ମଧ୍ୟ ଦାୟିତ୍ୱ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବକ୍ତୃତା, କୁଇଜ୍, ପ୍ରବନ୍ଧ ଓ କଳା ପ୍ରତିଯୋଗିତା ଇତ୍ୟାଦି କରାଯିବ। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ କର୍ମଶାଳା, ବକ୍ତୃତା ଓ ସେମିନାର ଆୟୋଜନ କରାଯିବ। ଏହି ଉପଲକ୍ଷେ କ୍ରୀଡା ବିଭାଗ ପକ୍ଷରୁ ଶୋଭାଯାତ୍ରାର ଆୟୋଜନ କରାଯିବ। ସ୍ୱତନ୍ତ୍ରତା ସେନାନୀମାନଙ୍କୁ ସମ୍ମାନିତ କରିବା ଉପଲକ୍ଷେ ଆୟୋଜନ ହେଉଥିବା ଏଭଳି ଏକ ମହତ୍ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର-ତଥା-ଶାସନ ସଚିବ ଗୁହା ପୁନମ ତାପସ କୁମାର, ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଟ୍ରିକ ସପ୍ଲିମେଣ୍ଟାରୀ ଓ ଏସଓଏସସି ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ବୋର୍ଡ ୱେବସାଇଟରେ ଉପଲବ୍ଧ

**କଟକ, ୨୨।୬**
**ନ୍ୟୁଜ ବ୍ୟୁରୋ**

ମାଟ୍ରିକ ସପ୍ଲିମେଣ୍ଟାରୀ ଓ ଏସଓଏସସି ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ବୋର୍ଡ ୱେବସାଇଟରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀ ବୋର୍ଡ ୱେବସାଇଟରୁ ଡାଉନଲୋଡ କରି ଆଡମିଟ କାର୍ଡ ନେଇ ପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ମାଟ୍ରିକ ସପ୍ଲିମେଣ୍ଟାରୀ ଓ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ (ଏସଓଏସସି) ପରୀକ୍ଷା ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବ। ୬ଟି ଯାକ ବିଷୟରେ ହେଉଥିବା ଏହି ପରୀକ୍ଷା ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଉକ୍ତ ପରୀକ୍ଷା ଲାଗି ଆବେଦନରତ ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ୱେବସାଇଟରେ ଉପଲବ୍ଧ କରାଯାଇଛି। ଆବେଦନକାରୀ ବୋର୍ଡ ୱେବସାଇଟରୁ ଡାଉନଲୋଡ କରି ଆଡମିଟ କାର୍ଡ ନେଇ ପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ଓଡ଼ିଶା "ଭିଜନ ୨୦୩୬ ଓ ୨୦୪୭"କୁ କାର୍ଯ୍ୟକାରୀ କରିବା ନେଇ ଆଲୋଚନା

# ବିକାଶ ଲକ୍ଷ୍ୟକୁ ବାସ୍ତବ ରୂପ ଦେବା ପାଇଁ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୨/୦୬ ନ୍ୟୁଜ ବ୍ୟୁରୋ**

ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ସାଂସଦ, ବିଧାୟକ ଏବଂ ଅନ୍ୟ ମାନ୍ୟଗଣ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ "ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା-" ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭'ର ଶୁଭ ଉନ୍ମୋଚନ ପରେ ଏକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜରେ ରହିଥିବା ଲକ୍ଷ୍ୟ ପୂରଣ ପାଇଁ ପଦକ୍ଷେପ ସଂପର୍କରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ବି.ଭି.ଆର ସୁବ୍ରମଣ୍ୟମ୍ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନଙ୍କ ସହିତ ଆଲୋଚନା କରିଥିଲେ । ଖାରବେଳ ଭବନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ । ନୀତି ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ " ଓଡ଼ିଶା ଭିଜନ ୨୦୩୬ ଓ



୨୦୪୭' ପ୍ରସ୍ତୁତିରେ ସମସ୍ତ ବିଭାଗର ସଚିବମାନଙ୍କର ଉଲ୍ଲେଖନୀୟ ଭୂମିକାକୁ ପ୍ରଶଂସା କରିଥିଲେ । ମାତ୍ର ୧୧ ମାସ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା, ବିଭିନ୍ନ ବର୍ଗ ତଥା ଜନସାଧାରଣଙ୍କ ଠାରୁ ମତାମତ, ବିଭିନ୍ନ କ୍ଷେତ୍ରରୁ ମତାମତ ଗ୍ରହଣ ପରେ ଏହି ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଓଡ଼ିଶା ଭିଜନକୁ କାର୍ଯ୍ୟକାରୀ କରିବାକୁ ହେଲେ ଏଥିରେ ଉଲ୍ଲିଖିତ ବିଭିନ୍ନ ପ୍ରସ୍ତାବକୁ ପ୍ରଥମେ ଭଲଭାବେ ବୁଝିବା ଆବଶ୍ୟକ, ଯଦ୍ୱାରା କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରାଯାଇପାରିବ। ସି.ଇ.ଓ, ନୀତି ଆୟୋଗ ରାଜ୍ୟ ସରକାରଙ୍କ '୩୬ ଫର ୩୬' ଲକ୍ଷ୍ୟ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । ସେ ରାଜ୍ୟ ସରକାରଙ୍କୁ "ଓଡ଼ିଶା ଭିଜନ ସେଲ" ଗଠନ ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି ସେଲ ପ୍ରତି ମାସରେ 'ଓଡ଼ିଶା ଭିଜନ'ରେ ଥିବା ଲକ୍ଷ୍ୟ ସାଧନରେ କାର୍ଯ୍ୟ ଅଗ୍ରଗତି ନିୟମିତ ଭାବେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ। ସେହିପରି ଜିଲ୍ଲାସ୍ତରରେ ଓଡ଼ିଶା ଭିଜନ ୟୁନିଟ ସ୍ଥାପନ ସହ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏବଂ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ଉଚ୍ଚସ୍ତରୀୟ କମିଟି ଗଠନ ପୂର୍ବକ ବିଭିନ୍ନ ସମୟରେ ସମୀକ୍ଷା ଓ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ନୀତି ଆୟୋଗଙ୍କ ସହଯୋଗ ଏବଂ ରାଜ୍ୟ ସରକାରଙ୍କ ସାମଗ୍ରିକ ପ୍ରୟାସରେ ଏହି ଡକ୍ୟୁମେଣ୍ଟ ଏକ ଗୁଣାତ୍ମକ ଡକ୍ୟୁମେଣ୍ଟ ହୋଇପାରିଛି । ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଆମକୁ ଓଡ଼ିଶା ଭିଜନର ଲକ୍ଷ୍ୟ ସାଧନରେ ସହାୟକ ହେବ । ଦକ୍ଷତା ବିକାଶ ଏବଂ ସମ୍ମିଳିତ ପ୍ରୟାସରେ ଅଭିବୃଦ୍ଧି ହାରରେ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯାଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏହି ଭିଜନ କାର୍ଯ୍ୟକାରୀ କରିବା ଓଡ଼ିଶା ତଥା ଦେଶର ବିକାଶ ପାଇଁ ଏକ ଅନନ୍ୟ ସୁଯୋଗ ହେବ ବୋଲି ମୁଖ୍ୟ ସଚିବ ପ୍ରକାଶ କରିଥିଲେ। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ତାଙ୍କର ପ୍ରାରମ୍ଭିକ ଅଭିଭାଷଣରେ ଓଡ଼ିଶା ଭିଜନ ପ୍ରସ୍ତୁତିରେ ନୀତି ଆୟୋଗଙ୍କ ସହଯୋଗ, ସମସ୍ତ ସଚିବମାନଙ୍କ ଆନ୍ତରିକ ପ୍ରଚେଷ୍ଟାକୁ ଧନ୍ୟବାଦ ଜଣାଇଥିଲେ। ରାଜନୈତିକ ନେତୃବୃନ୍ଦଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ସମ୍ମିଳିତ ପ୍ରୟାସ ଏହାକୁ ପ୍ରସ୍ତୁତ କରିବାରେ ସକ୍ଷମ କରିପାରିଛି ବୋଲି ସେ ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ଭିଜନ ଓଡ଼ିଶାରେ ଥିବା ବିଭିନ୍ନ ଲକ୍ଷ୍ୟ ପୂରଣ ନେଇ ସଚିବମାନେ ନୀତି ଆୟୋଗ ସିଇଓଙ୍କ ସହିତ ଆଲୋଚନା କରିଥିଲେ ।

# ଭିତରକନିକାରେ ୯୫ଟି କୁମ୍ଭୀର ବସା ଚିହ୍ନଟ : କନିକା ରେଞ୍ଜରେ ସର୍ବାଧିକ




**ରାଜନଗର, ୨୨/୦୬ ନ୍ୟୁଜ ବ୍ୟୁରୋ**

ରାଜନଗର ବନଖଣ୍ଡ ପକ୍ଷରୁ କୁମ୍ଭୀର ବସା ଗଣନା ଜାରି ରହିଛି । ରାଜନଗର ବନଖଣ୍ଡର କନିକା ବନାଞ୍ଚଳ(ରେଂଜ୍)ରେ ମୋଟ ୯୫ଟି କୁମ୍ଭୀର ବସା ଚିହ୍ନଟ ହୋଇଛି । କନିକା ରେଞ୍ଜରେ ମୁଖ୍ୟତଃ ଭିତରକନିକା ଫରେଷ୍ଟ ବ୍ଲକ୍, ରଗଡ଼ାପାଟିଆ ଫରେଷ୍ଟ ବ୍ଲକ୍, ଚିନ୍ତାମଣି ମହାନ୍ତି ଯୋର ଓ ଡାଙ୍ଗମାଳ ଫରେଷ୍ଟ ବ୍ଲକ୍‌ରେ ସର୍ବାଧିକ ବସା ଚିହ୍ନଟ ହେବାରେ ଲାଗିଛି । ସୂଚନାଯୋଗ୍ୟ, ଏପ୍ରିଲ ମାସରୁ ମା' କୁମ୍ଭୀରଙ୍କ ମିଳନ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ମା' କୁମ୍ଭୀର ନଦୀଠାରୁ କିଛି ଦୂରରେ ହେନ୍ତାଳ, କେଉଟି, ନାଳିଆ ପତ୍ରକୁ ଗଦା କରି ତା' ମଧ୍ୟରେ ଅଣ୍ଡା ଦେଇ ପୁନର୍ବାର ପତ୍ର ଘୋଡ଼ାଇ ଦେଇଥାଏ। ତାକୁ ମାଉଟ କୁହାଯାଏ । ମା' କୁମ୍ଭୀର ଏହି ସମୟରେ ନିଜ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ତା' ନିକଟରେ ଜଗି ରହିଥାଏ । ସାଧାରଣତଃ ଗୋଧି, ବିଭିନ୍ନ ପ୍ରଜାତିର ସାପ, ବାରହା ଆଦି କୁମ୍ଭୀର ଅଣ୍ଡାକୁ ଖାଇଯାଇଥାନ୍ତି । ପ୍ରଜନନ ଋତୁରେ ସାଧାରଣତଃ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇ ଉଠିଥାନ୍ତି । ସେଥିପାଇଁ ମେ' ପହିଲାରୁ ଜୁଲାଇ ୩୧ ଯାଏ ପର୍ଯ୍ୟଟକମାନଙ୍କୁ ଭିତରକନିକାକୁ ଆସିବା ପାଇଁ ବାରଣ କରାଯାଇଛି ।

## ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା

# ଷ୍ଟେଟ୍ ଫରେନସିକ୍ ଲ୍ୟାବ୍‌କୁ ଆସିଲା ୭୦ ନମୁନା

**ବ୍ରହ୍ମପୁର,୨୨/୦୬**
**ନ୍ୟୁଜ ବ୍ୟୁରୋ**

ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲାରେ ଘଟଣା ସ୍ଥଳରୁ ମିଳିଥିବା ଆପତ୍ତିଜନକ ସାମଗ୍ରୀର ନମୁନା ଷ୍ଟେଟ୍ ଫରେନସିକ୍ ଲାବୋରେଟାରୀକୁ ପଠାଯାଇଛି । ଗୋପାଳପୁର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଜରିଆରେ କ୍ରାଇମ୍ ସ୍ପଟ୍‌ରୁ ନମୁନା ସଂଗ୍ରହ କରାଯାଇଥିଲା। କ୍ରାଇମବ୍ରାଞ୍ଚ୍ ସମସ୍ତ ଅଭିଯୁକ୍ତଙ୍କ ଡିଏନଏ ନମୁନା ସହ ଅନ୍ୟ ନମୁନାକୁ କୋର୍ଟରେ ଦାଖଲ କରିଥିଲା । ପରେ ଏହାକୁ ପରୀକ୍ଷା ପାଇଁ ଭୁବନେଶ୍ୱରରେ ଥିବା ଷ୍ଟେଟ୍ ଫରେନ୍‌ସିକ୍ ଲ୍ୟାବକୁ ପଠାଯାଇଥିଲା। ତେବେ ଏହା ରବିବାର ଷ୍ଟେଟ୍ ଫରେନସିକ୍ ଲାବୋରେଟାରୀରେ ପହଞ୍ଚିଛି । ରେଡଫ୍ଲାଗ୍ ନିୟମ ଅନୁଯାୟୀ ଫରେନସିକ ତଥ୍ୟକୁ ପରୀକ୍ଷା ପାଇଁ ଲାବରେ ପ୍ରଥମେ ପ୍ରାଥମିକତା




ଦିଆଯିବ । ଆବଶ୍ୟକ ପଡ଼ିଲେ ସମସ୍ତ ଅଭିଯୁକ୍ତଙ୍କର ପଲିଗ୍ରାଫ ଟେଷ୍ଟ ହେବା ନେଇ ସୂଚନା ମିଳିଛି । ପୁଲିସ ଜବତ କରିଥିବା ସମସ୍ତ ସାମଗ୍ରୀ କ୍ରାଇମ୍‌ବ୍ରାଞ୍ଚ୍ ଟିମ୍‌କୁ ହସ୍ତାନ୍ତର କରିଛି। କ୍ରାଇମ୍‌ବ୍ରାଞ୍ଚ୍ ଟିମ୍ ତଦନ୍ତ ସମୟରେ ବହୁ ନମୁନା ସଂଗ୍ରହ କରିଥିଲା । ଅଭିଯୁକ୍ତଙ୍କ ପୋଷାକ, ସେମାନଙ୍କ ଚୁଟି, ଘଟଣାସ୍ଥଳରୁ ମିଳିଥିବା ଆପତ୍ତିଜନକ ସାମଗ୍ରୀ ଏବଂ ସାଇଣ୍ଟିଫିକ୍ ଟିମ୍ ଜରିଆରେ କିଛି ନମୁନା ସଂଗ୍ରହ ହୋଇଥିଲା। କ୍ରାଇମ୍‌ବ୍ରାଞ୍ଚ୍ ସମସ୍ତ ନମୁନା କୋର୍ଟରେ ଦାଖଲ କରିବା ପରେ ପରୀକ୍ଷା ପାଇଁ ଭୁବନେଶ୍ୱରରେ ଥିବା ଷ୍ଟେଟ୍ ଫରେନ୍‌ସିକ୍ ଲାବୋରେଟୋରୀକୁ ପଠାଇଥିଲା । ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ କ୍ରାଇମ୍‌ବ୍ରାଞ୍ଚ୍ ଏହି ମାମଲାର ତଦନ୍ତ ଶୀଘ୍ର ସାରିବାକୁ ପ୍ରୟାସ ଜାରି ରଖିଥିବା ଜଣାପଡ଼ିଛି। ସମସ୍ତ ରିପୋର୍ଟ ଆସିବା ପରେ ମାସକ ଭିତରେ କ୍ରାଇମ୍‌ବ୍ରାଞ୍ଚ୍ ଚାର୍ଜସିଟ୍ ଦାଖଲ କରିବ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗତ ରବିବାର ସନ୍ଧ୍ୟା(୧୫ ତାରିଖ)ରେ ପୁରୁଷବନ୍ଧୁଙ୍କ ସହ ଜଣେ ଯୁବତୀ ଗୋପାଳପୁର ବେଳାଭୂମି ଯାଇଥିବା ବେଳେ ଗଣଦୁଷ୍କର୍ମର ଶିକାର ହୋଇଥିଲେ । ରାତି ୮ଟାରେ ପାନ୍ଥ ନିବାସ ପଛରେ ଅଭିଯୁକ୍ତମାନେ ଗଣଦୁଷ୍କର୍ମ କରିଥିଲେ। ରାତି ୧୧ଟାରେ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୁଲିସ ସେହି ରାତିରେ ସମସ୍ତ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୬ ଜଣ ଅଭିଯୁକ୍ତ ବ୍ରହ୍ମପୁର ଜେଲ୍‌ରେ ଥିବାବେଳେ ୪ ଜଣ ନାବାଳକ ବାଳସୁଧାର ଗୃହରେ ଅଛନ୍ତି । ଶୁକ୍ରବାର କେବଳ ବ୍ରହ୍ମପୁର ଜେଲ୍‌ରେ ଥିବା ଅଭିଯୁକ୍ତଙ୍କୁ ଟିଆଇ ପରେଡ୍‌ରେ ଚିହ୍ନଟ କରିଛନ୍ତି ପୀଡ଼ିତା। ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ନାବାଳକଙ୍କ ମାମଲା ରହିଛି। ଜଘନ୍ୟ ଅପରାଧ ହୋଇଥିବାରୁ ଏହା ଚିଲ୍‌ଡ୍ରେନ୍ କୋର୍ଟକୁ ସ୍ଥାନାନ୍ତର ହେବ ବୋଲି ଜଣାପଡ଼ିଛି । କ୍ରାଇମ୍‌ବ୍ରାଞ୍ଚ୍‌ର ୯ ଜଣିଆ ଟିମ୍ ବ୍ରହ୍ମପୁରରେ ରହି କୋର୍ଟରେ ସମସ୍ତ କାଗଜପତ୍ର ଦାଖଲ କରିବାରେ ଲାଗିଛନ୍ତି। ସେପଟେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ ବୟାନ ରେକର୍ଡ ହୋଇସାରିଛି। ଗୋପାଳପୁରର ଜଣେ ରେଷ୍ଟୁରାଣ୍ଟ ମାଲିକଙ୍କ ବୟାନ ବି ରେକର୍ଡ ହୋଇଛି ବୋଲି ସୂଚନା ମିଳିଛି।

## ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଲେ ଅଭିନେତ୍ରୀ ଓ ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ

# ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱବିଦିତ କରିବା ନେଇ ଆଲୋଚନା



**ଭୁବନେଶ୍ୱର, ୨୨/୦୬**
**ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନରେ ଅଭିନେତ୍ରୀ ଏବଂ ଚଳଚ୍ଚିତ୍ର ନିର୍ମାତା ଶ୍ରୀମତୀ ନନ୍ଦିତା ଦାସ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାର ସମୟରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ । ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱବିଦିତ କରାଇବା ଓ ଓଡ଼ିଶା ମାଟିକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଶ୍ରୀମତୀ ଦାସ କିଛି ପ୍ରସ୍ତାବ ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଛନ୍ତି। ଏହିସବୁ ପ୍ରସ୍ତାବରେ ଆଗେଇବା ନିମନ୍ତେ ସେ ଓଡ଼ିଶା ସରକାର, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏବଂ ସଂସ୍କୃତି ମନ୍ତ୍ରୀ ତଥା ବିଭାଗର ସହାୟତା ଲୋଡ଼ିଛନ୍ତି । ପ୍ରସ୍ତାବ ଗୁଡିକ ଉପରେ ବିଭାଗୀୟ ଆଲୋଚନା ପରେ ସରକାରଙ୍କ ତରଫରୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି । ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କରୁଥିବା ପ୍ରୟାସ ନିଶ୍ଚିତରୂପେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି ।